ଧରିତ୍ରୀ
DHARITRI
ସୋମବାର, ୨୬ ଅଗଷ୍ଟ, ୨୦୧୯



## ସଂକ୍ଷେପରେ

### ଯୁବତୀଙ୍କୁ ଅସଦାଚରଣ, ବ୍ୟବସାୟୀ ଗିରଫ

ବ୍ରହ୍ମପୁର ଅଫିସ,୨୫।୮: ଜଣେ ଯୁବତୀଙ୍କୁ ଏକତରଫା ପ୍ରେମ କରି ବିଫଳ ହେବା ପରେ ବିଚ ରାସ୍ତାରେ ତାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଟାଉନ ଥାନା ପୋଲିସ ଜଣେ ଯୁବ ବ୍ୟବସାୟୀଙ୍କୁ ରବିବାର ଗିରଫ କରିଛି । ସେ ହେଲେ ପି. ସରୋଜ କୁମାର। ମାମଲା ନଂ.୧୭୧/୧୯ ଅନୁସାରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ମିଶ୍ର ସୂଚନା ଦେଇଛନ୍ତି। ପ୍ରକାଶ ଯେ, ସରୋଜ ଉକ୍ତ ଯୁବତୀଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କୁ ଭଲ ପାଉଥିଲେ। ରବିବାର ଯୁବତୀଙ୍କୁ ସରୋଜ ଟଣାଓଟରା କରିବା ସହ ରାସ୍ତାରେ ଅସଦାଚରଣ କରିଥିଲେ। ତେଣୁ ବାଧ ହୋଇ ସେ ଏ ନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ସରୋଜଙ୍କୁ ଗିରଫ କରିଛି।

### ରକ୍ତଦାନ ଶିବିର

ବ୍ରହ୍ମପୁର ଅଫିସ,୨୫।୮: ସୁରଙ୍ଗୀ ଜବାହାର ନବୋଦୟ ବିଦ୍ୟାଳୟ ପୁରାତନ ଛାତ୍ର ସଂଘ ପକ୍ଷରୁ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଛି । ଗୋଇଲୁଣ୍ଡି-କମାପଲ୍ଲୀ ରୋଡଠାରେ ଥିବା ବିଏସ୍ଆର ଲାଇଫ କେୟାର ପରିସରରେ ଆୟୋଜିତ ଏହି ଶିବିରକୁ ସଂଘର ସଭାପତି ମାନସ ରଞ୍ଜନ ପଟ୍ଟନାୟକ ଉଦଘାଟନ କରିଥିଲେ। ବ୍ରହ୍ମପୁର ବଡ଼ ମେଡିକାଲ ରକ୍ତ ଭଣ୍ଡାରର ଡା. ପ୍ରସନ୍ନ ରଥ ଓ ଅନ୍ୟ କର୍ମକର୍ତ୍ତା ଶିବିର ପରିଚାଳନା କରିଥିଲେ । ବିଏସ୍ଆର ଲାଇଫ କେୟାରର ବିଷ୍ଣୁ ପ୍ରସାଦ ପଣ୍ଡା, ଶାନ୍ତି ଭୂଷଣ ପଣ୍ଡା, ଅଲେଖ ବେହେରା, ଶବାନୀ ବେହେରା, ଡା. ତପନ କୁମାର ମଲ୍ଲ, ଡା. ପ୍ରଦ୍ୟୁମ୍ନ କୁମାର ପ୍ରଧାନ, ସୁବୋଧ ପାତ୍ର, ନରେଶ ବେହେରା, ବଳରାମ ବେହେରା, ରଜନୀକାନ୍ତ ପ୍ରଧାନ, ମାନିନୀ ସାହୁ, ଜିତେନ୍ଦ୍ର ନାୟକ, କେ. ପ୍ରଶାନ୍ତି ପାତ୍ର, ଗଣେଶ ଚନ୍ଦ୍ର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶିବିରରୁ ମୋଟ ୩୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ।

### ଅରୁଣ ଜେଟ୍‌ଲୀଙ୍କ ବିୟୋଗରେ ଶୋକସଭା

ବ୍ରହ୍ମପୁର ଅଫିସ,୨୫।୮: ଗୋପାଳକୃଷ୍ଣ ସାଂସ୍କୃତିକ ପରିଷଦ ପକ୍ଷରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ବିୟୋଗରେ ରବିବାର ଶୋକସଭା ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ଗୋପାଳକୃଷ୍ଣ ଡାକୁଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ବରିଷ୍ଠ ସ୍ତମ୍ଭକାର ଦେବୀ ପ୍ରସାଦ ମହାପାତ୍ର ଯୋଗଦେଇ ସ୍ୱର୍ଗତ ଜେଟ୍‌ଲୀଙ୍କ ସ୍ମୃତିଚାରଣ କରିଥିଲେ । ସମ୍ପାଦକ ବିଜୟ କୁମାର ପାଢୀ ତାଙ୍କ ଜୀବନୀ ଆଲୋକପାତ କରିଥିଲେ । ରାମପ୍ରସାଦ ମିଶ୍ର, ପି. ଶଙ୍କର ପାତ୍ର, କେ. ନାଗେଶ୍ୱର ରାଓ, ନରେନ୍ଦ୍ର କୁମାର ପାଣିଗ୍ରାହୀ, ଡା. ରାଜେନ୍ଦ୍ର କୁମାର ସାହୁ, ସୁନୀଲ ପାଣିଗ୍ରାହୀ, ସୁରଜ ପାତ୍ର, ମୀନତି ଡାକୁଆ, ନିବେଦିତା ମିଶ୍ର, କୃତିବାସ ପତି, ଡା. ଅଶୋକ କୁମାର ଦାଶ, ନିରାକାର ବେହେରା, ଇ. ଅରୁଣ ସାହୁ, ମଞ୍ଜୁ ସାହୁ ପ୍ରମୁଖ ସ୍ୱର୍ଗତ ଜେଟ୍‌ଲୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ ।

## ପୂର୍ବତନ କାଉନ୍‌ସିଲର, କର୍ପୋରେଟର ସଂଘର ସମାବେଶ

# ପୌରସଂସ୍ଥାର ପ୍ରାକ୍ତନ ସଦସ୍ୟା, ସଦସ୍ୟଙ୍କୁ ମିଳୁ ପେନ୍‌ସନ

ବ୍ରହ୍ମପୁର ଅଫିସ,୨୫।୮

ବ୍ରହ୍ମପୁର ପୌର ନିଗମ (ବିଏମସି)ର ପୂର୍ବତନ କାଉନସିଲର ଓ କର୍ପୋରେଟର ସଂଘର ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି । ଏମ୍‌ପି ଓ ବିଧାୟକଙ୍କ ଭଳି ପୌରସଂସ୍ଥାକୁ ନିର୍ବାଚିତ ହୋଇଥିବା ପୂର୍ବତନ ସଦସ୍ୟା, ସଦସ୍ୟମାନଙ୍କ ପାଇଁ ସରକାର ପେନସନ ଯୋଜନା କାର୍ଯ୍ୟକାରୀ କରିବାକୁ ସର୍ବସମ୍ମତ ଦାବି ହୋଇଛି। ଏଥିପାଇଁ ତ୍ୱରିତ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦିଆଯାଇଛି। ସ୍ଥାନୀୟ ପ୍ରକାଶମ ହଲରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଏମ୍‌ପି ଚନ୍ଦ୍ରଶେଖର ସାହୁ ମୁଖ୍ୟଅତିଥି, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ଚନ୍ଦ୍ରଶେଖର ଏଠାର ପୂର୍ବ ପୌରସଂସ୍ଥାର କାଉନସିଲର ଓ ଦୁଇଥର ନଗରପାଳ ନିର୍ବାଚିତ ହୋଇଥିଲେ। ସେହିପରି ଚ୍ୟାଉ ପଟ୍ଟନାୟକ ମଧ୍ୟ ଅତୀତରେ ପୌର ପରିଷଦର କାଉନସିଲର ଥିଲେ । ଉଭୟଙ୍କ ରାଜନୈତିକ ଜୀବନ ପୂର୍ବ ପୌର ପରିଷଦରୁ ଆରମ୍ଭ ହୋଇଥିଲା ।



ସଂଘ ପକ୍ଷରୁ ଏମ୍‌ପି, ବିଧାୟକ, ପୂର୍ବତନ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ସମାବେଶରେ ସଂଘ ସଭାପତି ତଥା ପୂର୍ବ ପୌର ପରିଷଦର ନଗରପାଳ ପି. ଭୀମୁଡୁ ଅଧ୍ୟକ୍ଷତା କରିଥିଲେ । ନବ ନିର୍ବାଚିତ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ଏମ୍‌ପି ଚନ୍ଦ୍ରଶେଖର ଓ ପୂର୍ବତନ ବିଧାୟକ ଚ୍ୟାଉ ପଟ୍ଟନାୟକଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏମପି ସାହୁ କହିଥିଲେ ୧୫୨ ବର୍ଷର ଏହି ପୌରସଂସ୍ଥା ୧୦ ବର୍ଷ ତଳେ ମହାନଗର ନିଗମରେ ପରିଣତ ହୋଇଛି । ଏହାର ସର୍ବାଙ୍ଗୀନ ବିକାଶରେ ପୂର୍ବତନ କାଉନସିଲର ଓ କର୍ପୋରେଟରମାନେ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ। ଜାନିବିଲି ବୃହତ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ନେଇ ମହାନଗର ସାରା ପାଇପ ଲାଇନ ସଂଯୋଗ ପାଇଁ ରାସ୍ତାଗୁଡ଼ିକ ଖୋଳି ଦିଆଯାଇଛି ଏବଂ ସମ୍ପୃକ୍ତ ଠିକା ସଂସ୍ଥା ପୁନଃ ନିର୍ମାଣରେ ଅହେତୁକ ବିଳମ୍ବ କରୁଥିବାରୁ ସମସ୍ୟା ସଂଗୀନ ହୋଇଯାଇଥିବା ସାହୁ ସ୍ୱୀକାର କରିଥିଲେ ।

ମହାନଗର ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯାଉଥିବା ଏବଂ ଏହି ପୁରାତନ ସହରକୁ ଆଦର୍ଶ ଓ ସ୍ୱଚ୍ଛ କରିବା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ ବିଧାୟକ ପଣ୍ଡା। ଚ୍ୟାଉ ପଟ୍ଟନାୟକ ମଧ୍ୟ ଉଦବୋଧନ ଦେଇଥିଲେ। ପୂର୍ବତନ ଉପନଗରପାଳ ତଥା ପ୍ରାକ୍ତନ ବିଧାୟକ ଶିବ ଶଙ୍କର ସାହାଣୀ, ୬ ଥର କାଉନସିଲର ନିର୍ବାଚିତ ହେବା ସହ ଅତୀତରେ ଉପନଗରପାଳ ହୋଇଥିବା ଡ଼. ଭଗବାନ ଗନ୍ତାୟତ, ପୂର୍ବତନ ଡେପୁଟି ମେୟର ଜ୍ୟୋତ୍ସ୍ନା ନାୟକ, ପ୍ରାକ୍ତନ ଉପନଗରପାଳ ଜାମୁଲା ଶଙ୍କର ନାରାୟଣ ମଞ୍ଚାସୀନ ଥିଲେ। ସଂଘ ପକ୍ଷରୁ ଏମାନଙ୍କୁ ସମ୍ମାନିତ କରାଯାଇଥିଲା। ସଂଘ ସମ୍ପାଦକ ଅଶୋକ କୁମାର ସାହୁ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ପୂର୍ବତନ କାଉନସିଲର ଜେ. ସୁଷମା ରାଣୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅତୀତରେ ପୌର ସଂସ୍ଥାକୁ ନିର୍ବାଚିତ ଉଦୟନାଥ ନାୟକ, ଅଲେଖ ଚୌଧୁରୀ, ପ୍ରମୋଦ କୁମାର ଜେନା, ଉମା ଚରଣ ନାୟକଙ୍କ ସମେତ ଶତାଧିକ ସଦସ୍ୟା ଓ ସଦସ୍ୟ ଉପସ୍ଥିତ ଥିଲେ ।

## ଆନ୍ତଃ ବିଦ୍ୟାଳୟ କୁଇଜ୍ ପ୍ରତିଯୋଗିତା

ବ୍ରହ୍ମପୁର ଅଫିସ,୨୫।୮

ବ୍ରହ୍ମପୁର ମହାନଗର ନିଗମ (ବିଏମସି) ଓ କେ.ଜି ଏକାଡେମୀର ମିଳିତ ଆନୁକୁଲ୍ୟରେ କ୍ୟୁରିୟସ ଆନ୍ତଃ ବିଦ୍ୟାଳୟ କୁଇଜ୍ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି । ହିଲପାଟଣା ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ପରିସରରେ ଆୟୋଜିତ ପ୍ରତିଯୋଗିତାକୁ ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ ଯୋଗଦେଇ ଉଦଘାଟନ କରିଥିଲେ । ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ । ବ୍ରହ୍ମପୁର ଓ ଏହାର ଆଖପାଖ ସରକାରୀ ଓ ବେସରକାରୀ ବିଦ୍ୟାଳୟର ଷଷ୍ଠରୁ ଦଶମ ଶ୍ରେଣୀର ପ୍ରାୟ ୪୦୦ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । କେ.ଜି. ଏକାଡେମୀର ନିର୍ଦ୍ଦେଶକ ଉମା ମହାପାତ୍ର, ଅଞ୍ଜଳୀ ମିଶ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ଜ୍ଞାନରଞ୍ଜନ ରେଡ୍ଡୀ ପ୍ରତିଯୋଗୀତାକୁ ପରିଚାଳନା କରିଥିଲେ । ଅନୁଷ୍ଠାନର ସଂଯୋଜକ ରମା ପ୍ରସନ୍ନ ମହାପାତ୍ର, ଉମା ପ୍ରସନ୍ନ ମହାପାତ୍ରଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

# ସମ୍ବିଧାନର ମୂଳ ଆଭିମୁଖ୍ୟ ନଷ୍ଟ ହେଉଛି



ଆଲୋଚନା ଚକ୍ରରେ ମଞ୍ଚାସୀନ ବକ୍ତାମାନେ ।

ବ୍ରହ୍ମପୁର ଅଫିସ,୨୫।୮

ମାନବବାଦୀ ହେତୁବାଦୀ ସଂଗଠନ ଗଞ୍ଜାମ ଜିଲା ଶାଖା ପକ୍ଷରୁ ରବିବାର କମାପଲ୍ଲୀସ୍ଥିତ ସଂକଳ୍ପ ସ୍କୁଲ ପରିସରରେ 'ଭାରତୀୟ ସମ୍ବିଧାନ କେତେ ସୁରକ୍ଷିତ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଗଠନର ସଭାପତି ଇ. ତେଜେଶ୍ୱର ରାଓ ଅଧ୍ୟକ୍ଷତା କରିଥିଲେ । ବରିଷ୍ଠ ସ୍ତମ୍ଭକାର ସରଳ କୁମାର ଦାଶ ମୁଖ୍ୟବକ୍ତା ଏବଂ ସିଦ୍ଧାର୍ଥ ଭରଦ୍ୱାଜ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇଥଲେ। ଅନ୍ୟତମ ବକ୍ତା ଭାବେ ସାଧାରଣ ସଂପାଦକ ରାଜା ସୁରେଶ ଉପସ୍ଥିତ ଥିଲେ। ସଂପାଦକ କେ. ନନ୍ଦେସୁ ସେନାପତି ଆଲୋଚନାଚକ୍ର ବିଷୟରେ ପ୍ରାରମ୍ଭିକ ସୂଚନା ଦେଇଥିଲେ । ସଂସଦରେ ସଂଖ୍ୟା ଗରିଷ୍ଠତାକୁ ପାଥେୟ କରି ଗତ ଅଧିବେଶନରେ ଯେପରି ଭାବେ ଜନସାଧାରଣ ଓ ବିରୋଧୀ ଦଳକୁ ଭ୍ରୂକ୍ଷେପ ନ କରି ବହୁ ଆଇନ୍‌ରେ ସଂଶୋଧନ କରାଗଲା, ତାହା ଗଣତନ୍ତ୍ର ପାଇଁ ଅପରିମାଣଦର୍ଶୀ ପଦକ୍ଷେପ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଗୋଟିଏ ଦେଶ, ଗୋଟିଏ ବ୍ୟବସ୍ଥାପିକା, ଗୋଟିଏ ଦଳ, ଜଣେ ନେତା, ଗୋଟିଏ ନିର୍ବାଚନ, ଗୋଟିଏ ଧର୍ମ, ଗୋଟିଏ ଭାଷା ଆଦିର ସ୍ଲୋଗାନ୍ ଦେଇ ଭାରତର ପରିଚୟ 'ବିଭିନ୍ନତା ମଧ୍ୟରେ ଏକତା'କୁ ଧ୍ୱଂସ କରାଯାଉଛି । ଏହା ଗଣତନ୍ତ୍ର ଏବଂ ସମ୍ବିଧାନ ପାଇଁ ଶୁଭଙ୍କର ନୁହଁ । ଏଥିରେ ସମ୍ବିଧାନର ମୂଳ ଆଭିମୁଖ୍ୟ ନଷ୍ଟ ହେଉଛି ବୋଲି ବକ୍ତାମାନେ କହିଥିଲେ। ଆଲୋଚନାଚକ୍ରରେ କିଶୋର ଚନ୍ଦ୍ର ମିଶ୍ର, ସୁନେଜ କୁମାର ପାଣିଗ୍ରାହୀ, ଅଧ୍ୟାପିକା ରାଜବାଳା ତ୍ରିପାଠୀ, ଅଧ୍ୟାପକ ସୁଶାନ୍ତ ପ୍ରଧାନ, ସୂର୍ଯ୍ୟନାରାୟଣ ସାହୁ, ଏ.ନରସିଂହ, କେ. ବସବରାଜୁ, ବି.ବାଲକୃଷ୍ଣ, ଅବନୀ ଗୟା, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ମାଲଲେଶ୍ୱର ରାଓ, ମହମ୍ମଦ ସୁକୁର, ଲକ୍ଷ୍ମୀନୃସିଂହ ରଥ, ଭାଲଚନ୍ଦ୍ର ଷଡ଼ଙ୍ଗୀ, ଶେଫାଳି ଦାସ, ଡି.ମୋହନ ରାଓ, ବିଷ୍ଣୁ ଦାସ, ଶିବାନୀ ଶଙ୍କର ମିଶ୍ରଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

## ବିଦ୍ୟୁତ୍ ଆଘାତରେ ମୋଟର ମେକାନିକ ମୃତ

ବ୍ରହ୍ମପୁର ଅଫିସ,୨୫।୮

ବିଦ୍ୟୁତ ଆଘାତରେ ଗୁରୁତର ଆହତ ହୋଇ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣେ ମୋଟର ମେକାନିକ୍‌ଙ୍କ ଶନିବାର ରାତିରେ ମୃତ୍ୟୁ ଘଟିଛି। ସେ ହେଲେ ସଦର ଥାନା ଅନ୍ତର୍ଗତ ଲାଞ୍ଜିଆ ଗ୍ରାମର ଟୁଟୁ ଗୌଡ଼ (୩୨)। ବଡବଜାର ଥାନା ପୋଲିସ ରବିବାର ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିଛି। ଏ ନେଇ ନଂ.୧୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ପ୍ରକାଶ ଯେ, ଟୁଟୁ ଶନିବାର ଗଣେଶ ନଗର ୩ୟ ସାରଣୀର ଜଣଙ୍କ ଘରେ ଖରାପ ହୋଇଯାଇଥିବା ମୋଟର ସଜାଡୁଥିଲେ। ମୋଟରରେ ଖଞ୍ଜାଯାଇଥିବା ଏକ ବିଦ୍ୟୁତ ତାର ତାଙ୍କ ଦେହରେ ଲାଗିଯିବାରୁ ସେ ଛିଟିକି ତଳେ ପଡିଯାଇଥିଲେ। ଗୁରୁତର ଅବସ୍ଥାରେ ଟୁଟୁଙ୍କୁ ବଡ଼ ମେଡିକାଲକୁ ନିଆଯାଇଥିଲା। ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଆଇନଜୀବୀଙ୍କୁ ଆକ୍ରମଣ ଘଟଣା, ବ୍ୟବସାୟୀ ଗିରଫ

ବ୍ରହ୍ମପୁର ଅଫିସ,୨୫।୮

ଜଣେ ଆଇନଜୀବୀଙ୍କୁ ଆକ୍ରମଣ ଘଟଣାରେ ବଡବଜାର ପୋଲିସ ରବିବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଶାସ୍ତ୍ରୀନଗରର ଏ. ସନ୍ତୋଷ କୁମାର ପାତ୍ର (୩୮)। ସନ୍ତୋଷ ଖାସ୍ପା ସାହିରେ ପ୍ଲାଷ୍ଟିକ ବ୍ୟବସାୟ କରନ୍ତି। ତାଙ୍କ ବାଇକ (ନଂ.ଓଡି୦୭-୦୮୫୮)କୁ ପୋଲିସ ଜବତ କରିଛି। ମାମଲା ନଂ. ୧୩୬/୧୯ରେ ସନ୍ତୋଷଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ମିଶ୍ର ସୂଚନା ଦେଇଛନ୍ତି। ପ୍ରକାଶ ଯେ ଗତ ୨୦ ତାରିଖ ରାତି ପ୍ରାୟ ୮ଟାରେ ହାଉସିଂବୋର୍ଡ଼ରେ ରହୁଥିବା ଆଇନଜୀବୀ ପ୍ରଫୁଲ୍ଲ ଜଗନ୍ନାଥ ପାଢ଼ୀ ଘରକୁ ଫେରୁଥିବା ବେଳେ ପ୍ରେମନଗର ମୁଖ୍ୟ ରାସ୍ତାରେ ତାଙ୍କ ଗାଡିକୁ ସନ୍ତୋଷଙ୍କ ବାଇକ ଧକ୍କା ଦେଇଥିଲା। ଏହାକୁ ନେଇ କଥା କଟାକଟି ହୋଇଥିଲା। ପରେ ଆଇନଜୀବୀ ପାଢ଼ୀଙ୍କୁ ଆକ୍ରମଣ କରାଯାଇଥିଲା। ଏ ନେଇ ସେ ବଡବଜାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅନୁସନ୍ଧାନ କରି ସନ୍ତୋଷଙ୍କୁ ଗିରଫ କରିଛି।

## ଦିବ୍ୟଜୀବନ ସଂଘ ମହିଳା ଶାଖା ପକ୍ଷରୁ ନନ୍ଦୋତ୍ସବ

ବ୍ରହ୍ମପୁର ଅଫିସ,୨୫।୮

ବ୍ରହ୍ମପୁର ମ୍ୟୁନିସିପାଲ କଲୋନୀସ୍ଥିତ ଦିବ୍ୟଜୀବନ ସଂଘ ମହିଳା ଶାଖା ପକ୍ଷରୁ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ଶିପୁ ଭାଇ ଓ ଅରୁଣ ଦାଶଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଖଣ୍ଡ ମନ୍ତ୍ରପାଠ ଓ ଶ୍ରୀମଦ୍ ଭାଗବତ ମହାପୁରାଣର ଶ୍ରୀକୃଷ୍ଣ ଜନ୍ମବୃତ୍ତାନ୍ତକୁ ପାଠ କରାଯାଇଥିଲା । ନନ୍ଦୋତ୍ସବ ଉପଲକ୍ଷେ ଆଶ୍ରମ ପକ୍ଷରୁ ଅନ୍ଧପସରା ରେଡସ୍ଥିତ ଦୃଷ୍ଟିହୀନ ବିଦ୍ୟାଳୟରେ ସ୍ୱତନ୍ତ୍ର ଆଧ୍ୟାତ୍ମିକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା । ସନ୍ଧ୍ୟାରେ ଆଶ୍ରମ ପରିସରରେ ଆଧ୍ୟାତ୍ମିକ ପ୍ରବଚନ ହୋଇଥିଲା। ସଂଘ ସଂଗଠକ ତଥା ଦିବ୍ୟଜୀବନ ସଂଘ ଦକ୍ଷିଣାଞ୍ଚଳ ସମନ୍ୱୟ ସମିତିର କୋଷାଧ୍ୟକ୍ଷ ଶାନ୍ତି ଭୂଷଣ ପଣ୍ଡା, ଉପସଭାପତି ମମତା ମହାପାତ୍ର, ଅଲେଖ ବେହେରା, ଗୋକୁଳାନନ୍ଦ ସାବତ, ଶାରଦା ଦାଶ, ପ୍ରମିଳା ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ପଟାରିକ୍ସା ଚାଳକ ସଂଘର ସାଧାରଣ ବୈଠକ

ବ୍ରହ୍ମପୁର ଅଫିସ,୨୫।୮

ବ୍ରହ୍ମପୁର ପଟାରିକ୍ସା ଚାଳକ ସଂଘର ସାଧାରଣ ଅଧିବେଶନ ରବିବାର ଅନୁଷ୍ଠିତ ହୋଇଯାଇଛି । ଆଇନଜୀବୀ ପୀତବାସ ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ପଟାରିକ୍ସା ଚାଳକଙ୍କୁ ନିର୍ମାଣ ଶ୍ରମିକ ମାନ୍ୟତା ସହ ସମସ୍ତ ସରକାରୀ ସୁବିଧା ଯୋଗାଇବାକୁ ଦାବି ହୋଇଛି । ଏଥିସହ ସେମାନଙ୍କୁ ବୀମାଭୁକ୍ତ କରାଯିବା, ରିକ୍ସା କିଣିବା ପାଇଁ ବିନା ସୁଧରେ ଋଣ ପ୍ରଦାନ ବ୍ୟବସ୍ଥା, ସେମାନଙ୍କ ପିଲାଙ୍କୁ ସ୍କୁଲ କଲେଜରେ ମାଗଣା ଶିକ୍ଷାଦାନ ଆଦି ଦାବି ରହିଛି। ଏସବୁ ଦାବି ପୂରଣ ଲାଗି ସରକାର ପଦକ୍ଷେପ ନ ନେଲେ ସଂଘ ପକ୍ଷରୁ ଆନ୍ଦୋଳନ ଏବଂ ଉପଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ସମାବେଶ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଏହି ଅବସରରେ ସଂଘର ନୂଆ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ପୀତବାସ ପଣ୍ଡା ସଭାପତି ହୋଇଥିବା ବେଳେ ଆର. ଲଛମନ ରାଓ ଉପସଭାପତି ଓ ରାଜେନ୍ଦ୍ର ବେହେରା ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ରମେଶ ବାଡ଼ତ୍ୟା କୋଷାଧ୍ୟକ୍ଷ ହୋଇଛନ୍ତି । ବସନ୍ତ କୁମାର ପାତ୍ର ଆଇନ ଉପଦେଷ୍ଟା, ସୁରେଶ କୁମାର ବେହେରା ଉପଦେଷ୍ଟା ହୋଇଛନ୍ତି। ଅନ୍ୟ କର୍ମକର୍ତ୍ତାଙ୍କ ମଧ୍ୟରେ ବସନ୍ତ ପାତ୍ର ଓ ଭିକାରୀ ସେଠୀ ଅଛନ୍ତି । କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ୮ ଜଣ ନିର୍ବାଚିତ ହୋଇଛନ୍ତି। ଏହି ସଂଘ ଆଇଏନଟିୟୁସି ଅନୁବନ୍ଧିତ ବୋଲି କୁହାଯାଇଛି ।



ପଟାରିକ୍ସା ଚାଳକ ସଂଘର ସାଧାରଣ ବୈଠକରେ ଉପସ୍ଥିତ କର୍ମକର୍ତ୍ତା ଓ ସଦସ୍ୟ ।

# ଗଞ୍ଜାମ ଜିଲା ଭାରୋତ୍ତୋଳନ ଚାମ୍ପିୟନଶିପ୍

ବ୍ରହ୍ମପୁର ଅଫିସ,୨୫।୮

ଗଞ୍ଜାମ ଜିଲା ଭାରୋତ୍ତୋଳନ ସଂଘ ପକ୍ଷରୁ ସ୍ଥାନୀୟ ଉତ୍ତରେଶ୍ୱର ଭବନ ଠାରେ ରବିବାର ଗଞ୍ଜାମ ଜିଲା ଭାରୋତ୍ତୋଳନ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ଚନ୍ଦ୍ରଶେଖର ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ଏବଂ କବିସୂର୍ଯ୍ୟନଗର ବିଧାୟିକ ଲତିକା ପ୍ରଧାନ ଯୋଗଦେଇଥିଲେ। ସଂଘର ସଭାପତି କୁମୁଦ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିବା ବେଳେ ସଂପାଦକ ଗାଗାରିନ୍ ନାୟକ ପରିଚାଳନା କରିଥିଲେ। ରାଜ୍ୟ ଭାରୋତ୍ତୋଳନ ସଂଘର ସାଧାରଣ ସଂପାଦକ ନାରାୟଣ ସାହୁଙ୍କ ସମେତ ବହୁ ପୂର୍ବତନ ଖେଳାଳି ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଏହାପରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । କନିଷ୍ଠ ବାଳକ ୫୫ କିଗ୍ରା. ଓଜନ ବାଳକ ବର୍ଗରେ କୃଷ୍ଣଚନ୍ଦ୍ର ନାୟକ ମୋଟ ୧୫୬କିଗ୍ରା. ଓଜନ ଉଠାଇ ଚାମ୍ପିୟନ୍ ହୋଇଥିବା ବେଳେ ଆକାଶ ନାୟକ ୧୫୫କିଗ୍ରା.ଉଠାଇ ଦ୍ୱିତୀୟ ଏବଂ ସୁନିଲ ପ୍ରଧାନ ୧୪୯କିଗ୍ରା. ଉଠାଇ ତୃତୀୟ ହୋଇଛନ୍ତି । ବାଳକ ୬୧କିଗ୍ରା. ଓଜନ ବର୍ଗରେ ଗଙ୍ଗାଧର ସାହୁ ୨୦୮କିଗ୍ରା. ଓଜନ ଉଠାଇ ଚାମ୍ପିୟନ୍ ହୋଇଥିବା ବେଳେ ରାମ ଚନ୍ଦ୍ର ହେମ୍ବ୍ରମ୍(୨୦୨କିଗ୍ରା.) ଦ୍ୱିତୀୟ ଏବଂ ଜଗନ୍ନାଥ ସାହୁ(୧୬୦କିଗ୍ରା.) ତୃତୀୟ ହୋଇଛନ୍ତି । ୟୁଥ୍(ବାଳକ) ୪୯କିଗ୍ରା. ଓଜନ ବର୍ଗରେ କାହ୍ନା ବେହେରା ୧୦୬ କିଗ୍ରା. ଓଜନ ଉଠାଇ ଚାମ୍ପିୟନ୍ ହୋଇଥିବା ବେଳେ ମୁନା ନାୟକ(୧୦୬କିଗ୍ରା.) ଦ୍ୱିତୀୟ ଏବଂ ପ୍ରଦ୍ୟୁମ୍ନ ସାହୁ(୭୭ କିଗ୍ରା.) ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ୟୁଥ୍(ବାଳିକା) ୬୪କିଗ୍ରା. ଓଜନ ବର୍ଗରେ ମନିଶା ସାହୁ ମୋଟ ୫୬କିଗ୍ରା. ଓଜନ ଉଠାଇ ଚାମ୍ପିୟନ୍ ହୋଇଛନ୍ତି । ଜୁନିୟର୍ ୬୪କିଗ୍ରା. ଓଜନ ବର୍ଗରେ ଜି.ଗୀତାଞ୍ଜଳୀ ୧୧୧କିଗ୍ରା. ଓଜନ ଉଠାଇ ଚାମ୍ପିୟନ୍ ହୋଇଥିବା ବେଳେ ଆଞ୍ଚଳ କୁମାରୀ ଗୌଡ଼(୮୮କିଗ୍ରା.) ଦ୍ୱିତୀୟ ହୋଇଛନ୍ତି । ସବ୍‌ଜୁନିୟର୍ ୟୁଥ୍ ୪୯କିଗ୍ରା. ଓଜନ ବର୍ଗରେ ଜ୍ୟୋତି ବଡ଼ମୁଣ୍ଡି ୯୭କିଗ୍ରା. ଓଜନ ଉଠାଇ ଚାମ୍ପିୟନ୍ ହୋଇଥିବା ବେଳେ ଶୁଭଦୀ ଗମାଙ୍ଗ(୬୦କିଗ୍ରା.) ଦ୍ୱିତୀୟ ଏବଂ ସୁମିତ୍ରା ମଲ୍ଲିକ(୪୮କିଗ୍ରା.) ତୃତୀୟ ହୋଇଛନ୍ତି । ୫୫କିଗ୍ରା. ଓଜନ ବର୍ଗରେ ରଶ୍ମିତା କୁମାରୀ ମହାରଣା ୯୯କିଗ୍ରା. ଓଜନ ଉଠାଇ ଚାମ୍ପିୟନ୍ ହୋଇଥିବା ବେଳେ ୬୩ କିଗ୍ରା. ଓଜନ ଉଠାଇ ମିନି ସବର ଦ୍ୱିତୀୟ ଏବଂ ପୁଷ୍ପାଞ୍ଜଳୀ ସାହୁ ୫୭କିଗ୍ରା. ଓଜନ ଉଠାଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୫୯କିଗ୍ରା. ଓଜନ ବର୍ଗରେ ସଂଗୀତା ପାଢ଼ୀ ୧୧୪କିଗ୍ରା. ଓଜନ ଉଠାଇ ଚାମ୍ପିୟନ୍ ହୋଇଥିବା ବେଳେ ରିନା ମଲ୍ଲିକ(୭୬କିଗ୍ରା.) ଦ୍ୱିତୀୟ ଏବଂ ଇଶା ନାୟକ ୫୩କିଗ୍ରା. ଓଜନ ଉଠାଇ ତୃତୀୟ ହୋଇଛନ୍ତି ।



ଜଣେ ବାଳିକା ବାରୱେଲ୍ ଉଠାଉଛନ୍ତି ।

## ସଂକ୍ଷେପରେ

### ଶ୍ରୀରାମପଦା ଉପ୍ରା ବିଦ୍ୟାଳୟରେ ଯୋଗ ଶିବିର



ଜି.ଉଦୟଗିରି,୨୫।୮(ଡି.ଏନ.ଏ.): ଜି.ଉଦୟଗିରି ଶ୍ରୀରାମପଦା ଉପ୍ରା ବିଦ୍ୟାଳୟରେ ଶନିବାର ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଗୋଲକ ବିହାରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ପତଞ୍ଜଳି ଯୋଗ ସମିତି ଯୋଗଗୁରୁ ତଥା ଜିଲା ଯୋଗ ପ୍ରଭାରୀ ବଟକୃଷ୍ଣ ଦାଶ ଯୋଗ ପ୍ରାଣାୟମ ଶିକ୍ଷା ଦେଇଥିଲେ। ଯୋଗ ସମିତି ମହିଳା ପ୍ରଭାରୀ ସସ୍ମିତା ଜେନାଙ୍କ ସହ ବରିଷ୍ଠ ସଭ୍ୟ ବିନୋଦ ବିହାରୀ ଦାଶ, କେ. ସୂର୍ଯ୍ୟ ନାରାୟଣ ପାତ୍ର, ଅଶୋକ କୁମାର ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଶିବିରରେ ଛାତ୍ରୀଛାତ୍ରମାନେ ଉସ୍ତିକା, କପାଳଭାତି, ଉଜ୍ଜୟୀ, ଅନୁଲୋମ ବିଲୋମ, ଭ୍ରାମରୀ, ଉଦ୍‌ଗୀତ୍, ପ୍ରଣବ, ପ୍ରାଣାୟମ କରିବା ସହିତ ସିଂଘାସନ, ହାସ୍ୟାସନ କରିଥିଲେ ।

### ଟ୍ରେନରୁ ବୃଦ୍ଧ ନିଖୋଜ

ବୁଗୁଡ଼ା,୨୫।୮(ଡି.ଏନ.ଏ.): ବୁଗୁଡ଼ା ଥାନା ଗୋଲିଆ ଗ୍ରାମର ବିପ୍ର ଚରଣ ମଲିକ (୭୨) ଶନିବାର ସକାଳ ୬ଟାରେ କଟକ ନିକଟସ୍ଥ କୌଣସି ଏକ ଷ୍ଟେଶନରୁ ନିଖୋଜ ହୋଇଯାଇଛନ୍ତି। ବିପ୍ର ଓ ଉକ୍ତ ଥାନା ଅନ୍ତର୍ଗତ ବାଦୁଆ ଗ୍ରାମର ଅର୍ଜୁନ ବେହେରା ମିଶି ଆସାନସୋଲ ଷ୍ଟେଶନରୁ ଟ୍ରେନ ଯୋଗେ ଶୁକ୍ରବାର ଭୁବନେଶ୍ୱର ଆସୁଥିଲେ। ଶନିବାର ସକାଳ ୬ଟାରେ ବିପ୍ର କଟକ ନିକଟସ୍ଥ କୌଣସି ଏକ ଷ୍ଟେଶନରୁ ନିଖୋଜ ହୋଇଯାଇଥିଲେ। ଅର୍ଜୁନ ତାଙ୍କୁ ବହୁ ଖୋଜାଖୋଜି କରିଥିଲେ ମଧ ପାଇନଥିଲେ। ଶେଷରେ ଅର୍ଜୁନ ଏକୁଟିଆ ସେଠାରୁ ଆସି ରବିବାର ଏ ବିଷୟରେ ବିପ୍ରଙ୍କ ପରିବାରକୁ ଜଣାଇଥିଲେ। ପରିବାର ଲୋକେ ଏ ନେଇ ବୁଗୁଡ଼ା ଥାନାକୁ ଜଣାଇବାରୁ ଏହି ଘଟଣା ଥାନା ଅଧୀନର ନ ଥିବାରୁ ତାଙ୍କୁ ଜିଆରପି ଥାନାକୁ ଜଣାଇବାକୁ ପୋଲିସ ପରାମର୍ଶ ଦେଇଥିଲା। ରବିବାର ସନ୍ଧ୍ୟା ସୁଦ୍ଧା ବିପ୍ରଙ୍କର ପତ୍ତା ମିଳିନ ନାହିଁ।

### ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ସୋରଡ଼ା,୨୫।୮(ଡି.ଏନ.ଏ.)-ପିସିଏମ୍ ଉଚ୍ଚ ମାଧମିକ ବିଦ୍ୟାଳୟରେ ଅଧକ୍ଷା ସଂଯୁକ୍ତା ପଣ୍ଡାଙ୍କ ତତ୍ତ୍ୱାବଧାନରେ ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏଥିରେ ପରିଚାଳନା ସଭାପତି ତଥା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଯୋଗଦେଇ ନବାଗତଙ୍କୁ ଉଚ୍ଚଶିକ୍ଷାର ଲାଭ ନେବା ସହ ବିଦ୍ୟାଳୟର ଶୃଙ୍ଖଳା ରକ୍ଷା ତଥା ବିକାଶ ପାଇଁ ସମସ୍ତେ ଅଗ୍ରସର ହେବାକୁ କହିଥିଲେ। ଅଧାପକ ରାଜେଶ ପାତ୍ର, ରୋହିତ ବିଷୋୟୀ, କର୍ମଚାରୀ ମହେନ୍ଦ୍ର ପାଢ଼ୀ ପରିଚାଳନା କରିଥିଲେ।

### ଦାଦନ ଶ୍ରମିକଙ୍କ ମୃତଦେହ ପହଞ୍ଚିଲା ଗ୍ରାମରେ ଶୋକାକୁଳ ପରିବେଶ

ବୁଗୁଡ଼ା,୨୫।୮(ଡି.ଏନ.ଏ.)-ବୁଗୁଡ଼ା ଥାନା ଅନ୍ତରପଡ଼ା ଗ୍ରାମରେ ରବିବାର ଅପରାହ୍ନରେ ଜଣେ ଦାଦନ ଶ୍ରମିକଙ୍କ ମୃତଦେହ ତାଙ୍କ ଘରେ ପହଞ୍ଚିଛି। ମୃତକ ଶ୍ରମିକ ହେଲେ ସଞ୍ଜୟ ପ୍ରଧାନ (୩୮)। ଏ ନେଇ ପରିବାର ଓ ଗ୍ରାମବାସୀଙ୍କ ମଧରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପ୍ରକାଶ ଯେ, ସଞ୍ଜୟ ନିଜ ପରିବାର ପ୍ରତିପୋଷଣ କରିବାକୁ ବହୁଦିନ ହେଲା ହାଇଦ୍ରାବାଦର ଏକ ବେସରକାରୀ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଶୁକ୍ରବାର ମଧାହ୍ନ ୧୨ଟା ବେଳେ ହଠାତ୍ ସଞ୍ଜୟଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ଅପରାହ୍ନ ୨ଟାରେ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ କମ୍ପାନୀ ପକ୍ଷରୁ ସଞ୍ଜୟଙ୍କ ମୃତଦେହକୁ ହାଇଦ୍ରାବାଦରୁ ଅଣାଯାଇ ରବିବାର ଅପରହ୍ନରେ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ଏକ ମାସ ମଧରେ ବୁଗୁଡ଼ା ଥାନା କୁଆନଳା ଗ୍ରାମର ଜଣେ ଦାଦନ ଶ୍ରମିକ ମୃତଦେହ ମଧ ଠିକ ଏହିଭଳି ଅବସ୍ଥାରେ ପରିବାର ବର୍ଗଙ୍କୁ ମିଳିଥିଲା।

# ବାଲ୍ୟବିବାହ ବିରୋଧୀ ଫୋରମର ଶୁଭାରମ୍ଭ

## ■ ସମ୍ପ୍ରଦାୟ, ସଙ୍ଗଠନର ମୁଖ୍ୟଙ୍କୁ ନେଇ ହ୍ୱାଟ୍ସଆପ୍ ଗ୍ରୁପ୍ କରିବାକୁ ପରାମର୍ଶ

ଫୁଲବାଣୀ ଅଫିସ,୨୫।୮

ଜିଲାରେ ବାଲ୍ୟ ବିବାହକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ପ୍ରଶାସନ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ମିଳିତ ଭାବେ ପ୍ରୟାସ ଆରମ୍ଭ କରିଛନ୍ତି। ଜିଲାପାଳ ଡା. ବୃନ୍ଦା ଡିଙ୍କ ଅଧକ୍ଷତାରେ ସଦ୍‌ଭାବନା ସଭାଗୃହରେ ଏନେଇ ଏକ ବୈଠକ ଅନୁଷ୍ଠିତ ହୋଇ ଫୋରମର ଶୁଭାରମ୍ଭ ହୋଇଛି। ପ୍ରତ୍ୟକ ସମ୍ପ୍ରଦାୟର ମୁଖ୍ୟମାନେ ସେମାନଙ୍କ ସମାଜରେ ବାଲ୍ୟ ବିବାହକୁ ନା କହିଲେ ଜିଲାରେ ଏହାକୁ ରୋକାଯାଇ ପାରିବ ବୋଲି କହିଥିଲେ ଜିଲାପାଳ। ଏଥିପାଇଁ ସରକାରୀ ସ୍ତରରେ ମଧ୍ୟ ଉଦ୍ୟମ କରାଯାଉଛି। ପ୍ରତି ଶିକ୍ଷାନୁଷ୍ଠାନ ଗ୍ରାମ ବୈଠକ, ଗାଁ କଲ୍ୟାଣ ସମିତି, ପଞ୍ଚାୟତ ସମିତି ବୈଠକ, ସ୍ୱୟଂ ସହାୟକ ଗୋଷ୍ଠି ବୈଠକରେ ଏନେଇ ସଚେତନତା ସୃଷ୍ଟି କରାଯାଉଛି। ତେଣୁ ଆଶା କରାଯାଉଛି ଆଗାମୀ ୨ରୁ ୩ ବର୍ଷ ମଧ୍ୟରେ



ବାଲ୍ୟବିବାହ ବିରୋଧୀ ଫୋରମର ଆଲୋଚନା ଚାଲିଛି।

ଜିଲାରେ ବାଲ୍ୟ ବିବାହକୁ ସମ୍ପୂର୍ଣ୍ଣ ଭାବେ ରୋକାଯାଇ ପାରିବ। ସମସ୍ତ ସମ୍ପ୍ରଦାୟ ଓ ସଂଗଠନର ମୁଖ୍ୟମାନଙ୍କୁ ନେଇ ଏକ ହ୍ୱାଟ୍ସଅପ ଗ୍ରୁପ୍ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଜି. ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ଓ ବାଲିଗୁଡା ବିଧାୟକ ଚକ୍ରମଣି କହଁର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବୈଠକ ପ୍ରାରମ୍ଭରେ ଆକ୍ସନଆଡ୍‌ର ନିର୍ଦ୍ଦେଶକ ବି. ଏନ୍. ଦୁର୍ଗା ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିଲେ। ଚାଇଲ୍ଡ ଲାଇନ ଜିଲା ସଂଯୋଜକ ଦୋଳଗୋବିନ୍ଦ ମହାରାଣା ବାଲ୍ୟ ବିବାହର କାରଣ ଓ ଏନେଇ ଥିବା ଦଣ୍ଡ ବିଧାନ ଉପରେ ବୁଝାଇଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ମନୋସ୍ୱିନୀ ମିଶ୍ର ସଂଯୋଜନା କରିଥିଲେ। ଆକ୍ସନଆଡର ଜିଲା ସଂଯୋଜିକା ସ୍ୱାତୀ ତନୟା ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ପିଡି ବିଶ୍ୱନାଥ ବାରିକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ ପ୍ରମୁଖ ଉପସ୍ଥିତ ଥିଲେ।

# ଘାଟି ରାସ୍ତାରୁ ଧସୁଛି ମାଟି

ଫିରିଙ୍ଗିଆ,୨୫।୮:

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଗୋଛାପଡାଠାରୁ ବୌଦ୍ଧ ଜିଲାର କଣ୍ଟାମାଳ ଯାଇଥିବା ରାସ୍ତାର ପଟାଙ୍ଗି ଘାଟିଠାରେ ଉଭୟ ପାର୍ଶ୍ୱରୁ ମାଟି ଅତଡା ଧସି ରାସ୍ତା ଅବରୋଧ ହେଉଥିବା ଅଭିଯୋଗ ହେଇଛି । ଫଳରେ ଉକ୍ତ ରାସ୍ତାରେ ଯାତାୟାତ କରିବା ବିପଦପୂର୍ଣ୍ଣ ହୋଇପଡିଛି। ଗୋଛାପଡାଠାରୁ ବାଲନ୍ଦାପଡା ଦେଇ କଣ୍ଟାମାଳ ଯାଇଥିବା ଏହି ମୁଖ୍ୟ ରାସ୍ତାରେ ପ୍ରତିଦିନ ବହୁ ସଂଖ୍ୟାରେ ଗାଡି ଚଳାଚଳ କରୁଛି । ପୂର୍ବରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଏହି ରାସ୍ତା ଥିଲା। ୨ ବର୍ଷ ତଳେ ଏହା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇଛି। ରାସ୍ତାର ପଟାଙ୍ଗିଠାରେ ପାହାଡ କାଟି ରାସ୍ତା ତିଆରି କରାଯାଇଥିବା ବେଳେ ଉଭୟ ପାର୍ଶ୍ୱରେ ଗାର୍ଡୱାଲ କରାଯାଇ ନ ଥିବାରୁ ମାଟି ଧସୁଛି । ଏଥିସହ ଉଭୟ ପାର୍ଶ୍ୱରେ ଥିବା ଶାଳଗଛ ମଧ ଉପୁଡିଯାଉଛି । ଅନେକ ଗଛର ମୂଳରୁ ମାଟି ଧୋଇ ଯାଇଥିବାରୁ ସେଗୁଡିକ ଏବେ ବିପଦଜନକ ଅବସ୍ଥାରେ ରହିଛି । ତେଣୁ ତୁରନ୍ତ ଉକ୍ତ ଗଛଗୁଡିକୁ ହଟାଇ ରାସ୍ତାର ଦୁଇ ପାର୍ଶ୍ୱରେ ଗାର୍ଡୱାଲ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ବିଡିଓ ପ୍ରବୀଣ ବାଣୁଆଙ୍କ ଦୃଷ୍ଟି ଆକର୍ଷଣ କରିବାରେ ତାଙ୍କ ନିକଟରେ ଏଭଳି କିଛି ସୂଚନା ନଥିବା କହିଛନ୍ତି। ସେହିପରି ଫରେଷ୍ଟର ଯୋଗେନ୍ଦ୍ର ନାଥ ସେନାପତି ମଧ ଗଛ ସମ୍ପର୍କରେ କିଛି ଜାଣି ନ ଥିବା କହିଥିଲେ। ରାସ୍ତାର ଅନୁଧ୍ୟାନ କରି ପଦକ୍ଷେପ ନେବେ ବୋଲି ପରେ ଉଭୟେ ପ୍ରକାଶ କରିଛନ୍ତି।



ମାଟି ଅତଡା ଧସି ରାସ୍ତାରେ ପଡିଛି।

# ଶିକ୍ଷକ ସଂଘ ଗଠିତ, କର୍ମକର୍ତ୍ତା ନିର୍ବାଚନ

ଆସିକା,୨୫।୮(ଡି.ଏନ୍.ଏ.)

ଆସିକା ବ୍ଲକ ଓ ଏନ୍‌ଏସିର ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ବିଭିନ୍ନବର୍ଗର ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ନେଇ ଆସିକା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ଗଠନ କରାଯାଇଛି। ରବିବାର ମଧାହ୍ନରେ ସ୍ଥାନୀୟ ସାବିତ୍ରୀ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ଶିକ୍ଷକମାନଙ୍କ ଏକ ସମାବେଶରେ ସଂଘ ଗଠନ ସହ ଏହି ସଂଘକୁ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ୍ ସହ ସହବନ୍ଧିତ କରାଯାଇଥିବା ଘୋଷଣା କରାଯାଇଛି। ଆବାହିକା କବିତା ମହାରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକକୁ ଜିଲା ସଭାପତି ଶଶାଙ୍କ କୁମାର ପ୍ରଧାନ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ସଂଘର ଜିଲା ସମ୍ପାଦକ ହରେକୃଷ୍ଣ ପାତ୍ର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ଛତ୍ରପୁର ଜୋନ୍ ସଭାପତି ପୂର୍ଣ୍ଣଚନ୍ଦ୍ର ମହାରଣା ଓ ବେଲଗୁଣ୍ଠା ବ୍ଲକ୍ ସମ୍ପାଦକ ବାଳକୃଷ୍ଣ ସାବତ ଯୋଗ ଦେଇଥିଲେ। ବିଭିନ୍ନ ସମୟରେ ବିଭାଗୀୟ



ବୈଠକରେ ମଞ୍ଚାସୀନ ଅତିଥି।

ଅଧିକାରୀଙ୍କ ଦ୍ୱାରା ଶିକ୍ଷକମାନେ ନିର୍ଯାତିତ ହେଉଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଶିକ୍ଷକମାନଙ୍କ ନୀତିଗତ ସମସ୍ୟା ସମାଧାନ ଲାଗି ଐକ୍ୟବଦ୍ଧ ସଂଗ୍ରାମ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ସଂଘର କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ସଭାପତି ରୂପେ ଅଶୋକ କୁମାର ପାଣିଗ୍ରାହୀ, ଉପସଭାପତି କବିତା ମହାରଣା, ଅଶୋକ କୁମାର ମହାପାତ୍ର, ସମ୍ପାଦକ ଅର୍ଜୁନ ନାହାକ, ସହ-ସମ୍ପାଦକ ମନୋରମା ପାତ୍ର, ଗୌରହରି ବେହେରା, ଶିବଶଙ୍କର ସ୍ୱାଇଁ, କୋଷାଧକ୍ଷ ଉମେଶ କୁମାର ନାୟକ, ବ୍ଲକ୍ ସଂଯୋଜକ ବ୍ରଜମୋହନ ପାତ୍ର, ଜିଲା ସଦସ୍ୟ ସନ୍ତୋଷ କୁମାର ସେଠୀ, ଅବନୀ ପଟ୍ଟନାୟକ, ସିମାଞ୍ଚଳ ସାହୁ ଏବଂ ଉପଦେଷ୍ଟା ଭାବେ ସବିତା ପଟ୍ଟନାୟକ, ଶିବରାମ ବେହେରା, ମୂରଲିଧର ପଣ୍ଡା, ହରିବନ୍ଧୁ ବିଷୋୟୀ, ଜୟରାମ ବେହେରା ପ୍ରମୁଖ ରହିଥିଲେ। ମନୋରଞ୍ଜନ ପାଢୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ତାଲୁକ ଆଇନ ସଚେତନତା ଶିବିର

ବେଗୁନିଆପଡ଼ା,୨୫।୮(ଡି.ଏନ.ଏ.)

ବେଗୁନିଆପଡ଼ା ବ୍ଲକ ଖଣ୍ଡିଆନଈ ପଞ୍ଚାୟତରେ ରବିବାର କୋଦଳା ତାଲୁକା ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲୁକା ଆଇନ ସଚେତନତାର ଅଧକ୍ଷ ତଥା ସବଜଜ୍ ବିଷ୍ଣୁଦେବ ଜେନା, ଜେଏମ୍ଏଫ୍‌ସି ସୁକନ୍ୟା ଶତପଥୀ, ପୁରୁଷୋତ୍ତମପୁର ଏସ୍‌ଡିପିଓ ନିମାଇଁ ଚରଣ ସେଠୀ, ଅତିରିକ୍ତ ତହସିଲଦାର ଅଶୋକ କୁମାର ତ୍ରିପାଠୀ, କୋଦଳା ବାର୍ ସଭାପତି ତାରିଣୀ ଚରଣ ପଟ୍ଟନାୟକ, ସରକାରୀ ଓକିଲ ନୀଳାଞ୍ଚଳ ପଲାଇ, ସରପଞ୍ଚ ପୁଷ୍ପାଞ୍ଜଳି ପ୍ରଧାନ, ବରିଷ୍ଠ ଓକିଲ ସୁବାସ ଚନ୍ଦ୍ର ସାହୁ ଯୋଗଦେଥିଲେ। ଅନୁନ୍ନତ ଶ୍ରେଣୀର ଲୋକମାନଙ୍କ ପାଇଁ ଥିବା ମାଗଣା ଆଇନ ଓ ଅନ୍ୟାନ୍ୟ ଆଇନ ସହାୟତା ଉପରେ ଆଲୋଚନା ହୋଇଥିଲା। ଏଥିପ୍ରତି ସଚେତନ ରହିବା ଆବଶ୍ୟକ ବୋଲି ଶିବିରରେ କୁହାଯାଇଥିଲା।

# ବିଧାୟକଙ୍କ ଦ୍ୱାରା କୋଠଘର ଉଦ୍‌ଘାଟନ

ଆର.ଉଦୟଗିରି,୨୫।୮(ଡି.ଏନ.ଏ.)

ମୋହନା ବିଧାୟକ ଦାଶରଥି ଗମାଙ୍ଗ ଦିନିକିଆ ଗସ୍ତରେ ଆସି ଆର୍.ଉଦୟଗିରି ଗ୍ରାମର ଗୌଡ଼ ସାହିର କୋଠଘର ଗୃହକୁ ଶନିବାର ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲା ପରିଷଦ ସଭ୍ୟ ଜାକବ ମାଝୀ, ସ୍ଥାନୀୟ ସରପଞ୍ଚ ସଂଯୁକ୍ତା ପୂଜାରୀ, ତବାରସିଂ ସରପଞ୍ଚ ଗୋପାଳ କୃଷ୍ଣ ଦଳେଇ ଓ ବହୁ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

# ପ୍ରକାଶମଣି ଦାଦୀଙ୍କ ସ୍ମୃତି ଦିବସ ପାଳିତ



ଡ.ଉପେନ୍ଦ୍ର ଚୌଧୁରୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

ଭଞ୍ଜନଗର,୨୫।୮(ଡି.ଏନ.ଏ.)

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପ୍ରଥମ ସଞ୍ଚାଳିକା ବରିଷ୍ଠ ରାଜଯୋଗିନୀ ପ୍ରକାଶମଣି ଦାଦୀଙ୍କ ୧୨ତମ ଅବ୍ୟକ୍ତ ସ୍ମୃତି ଦିବସ ରବିବାର ସ୍ଥାନୀୟ ବାଗ୍‌ଦେବୀ ରୋଡ଼ସ୍ଥିତ ଓଁଶାନ୍ତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ଅବସରପ୍ରାପ୍ତ ସିଡ଼ିଏମ୍ଓ ଡ. ଉପେନ୍ଦ୍ର ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ କେନ୍ଦ୍ରର ସଞ୍ଚାଳିକା ବ୍ରହ୍ମାକୁମାରୀ ସନ୍ତୋଷିନୀ ସଂଯୋଜନା କରିବା ସହ ଆଜିର ଦିବସ ସମ୍ପର୍କରେ କହିଥିଲେ। ଦାଦୀ ନିଜର ଦିବ୍ୟ ଧାରଣାମୁକ୍ତ ଜୀବନ ଓ ସରଳ ଏବଂ ମଧୁରବାଣୀ ଦ୍ୱାରା ପ୍ରତ୍ୟେକ ଆତ୍ମାକୁ ପ୍ରୋତ୍ସାହିତ କରି ଆଧ୍ୟାତ୍ମିକ ମାର୍ଗରେ ନିରନ୍ତର ଅଗ୍ରସର କରାଉଥିବା ସଙ୍ଗେସଙ୍ଗେ ପୁରୁଷାର୍ଥର ସରଳ ବିଧି ବତାଉଥିଲେ। ଏହି ଅବସରରେ ୨ ଘଣ୍ଟା ଯୋଗ ଏବଂ ତପସ୍ୟା ହୋଇଥିଲା।

# ଖରିଫ ଧାନ କ୍ରୟ ନିମନ୍ତେ ପ୍ରସ୍ତୁତି ବୈଠକ

ଦିଗପହଣ୍ଡି,୨୫।୮(ଡି.ଏନ.ଏ.)

ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟ ସଭାଗୃହରେ ଚଳିତ ୨୦୧୯-୨୦ ଆର୍ଥିକ ବର୍ଷ ନିମନ୍ତେ ଚାଷୀଙ୍କଠାରୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଦରରେ ଧାନକ୍ରୟ କରାଯିବା ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ବିଡିଓ ହଳଧର ଶବର, ବ୍ରହ୍ମପୁର ଉପ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ଗୋପାଳକୃଷ୍ଣ ନାୟକ, ଯୋଗାଣ ନିରୀକ୍ଷକ ସୋଭାଗ୍ୟ ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଚାଷୀଙ୍କଠାରୁ ଧାନ କ୍ରୟ ନିମନ୍ତେ ପ୍ରତ୍ୟେକ ପ୍ରାଥମିକ ସେବା ସମବାୟ ସମିତି ଜରିଆରେ ଚାଷୀ ପଞ୍ଜିକରଣ କାର୍ଯ୍ୟକ୍ରମ ଚାଲୁ ରହିଥିବା ବେଳେ ୨୦୧୮-୧୯ ଆର୍ଥିକ ବର୍ଷରେ ଦିଗପହଣ୍ଡି ତହସିଲ ଅଧିନରେ ଥିବା ୨୩ ସେବା ସମବାୟ ସମିତିରେ ୭୩୪୮ ଚାଷୀଙ୍କ ନାଁ ପଞ୍ଜୀକୃତ କରାଯାଇଥିଲା। ୨୦୧୯-୨୦ ଆର୍ଥିକ ବର୍ଷ ନିମନ୍ତେ ଅଗଷ୍ଟ ୨୦ ତାରିଖ ସୁଦ୍ଧା ମାତ୍ର ୨୪୫୫ ଚାଷୀଙ୍କୁ ତାଲିକାରେ ପଞ୍ଜୀକୃତ କରାଯାଇଛି। ଆସନ୍ତା ୩୧ ସୁଦ୍ଧା ଶତପ୍ରତିଶତ ଚାଷୀଙ୍କୁ ପଞ୍ଜୀକୃତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଗ୍ରାମାଞ୍ଚଳର ଜଣେ ବି ଚାଷୀ ଯେଭଳି ତାଲିକାରୁ ବାଦ ନ ପଡିବେ ସେଥିପ୍ରତି କ୍ଷେତ୍ର କର୍ମଚାରୀ ଦୃଷ୍ଟି ଦେବାକୁ ପରାମର୍ଶ ଦିଆଯାଇଛି। କୌଣସି ସମବାୟ ସମିତି ଏଥିରେ ଖିଲାପ କରିବା ଅଭିଯୋଗ ମିଳିଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର କହିଛନ୍ତି।

# ସଂକୁଳ ସ୍ତରୀୟ ଜ୍ଞାନବିଜ୍ଞାନ ମେଳା



ଜଣେ ଛାତ୍ରଙ୍କ ପ୍ରକଳ୍ପ ଦେଖୁଛନ୍ତି ଅତିଥି।

ରାଇକିଆ,୨୫।୮(ଡି.ଏନ.ଏ.)

ରାଇକିଆ ସରସ୍ୱତୀ ଶିଶୁ ମନ୍ଦିରରେ ସଙ୍କୁଳସ୍ତରୀୟ ବିଜ୍ଞାନ ମେଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥବରେ ବାଲିଗୁଡ଼ା, ଦାରିଙ୍ଗବାଡି ଓ ରାଇକିଆ ଶିଶୁ ମନ୍ଦିରର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ବିଜ୍ଞାନ ମେଳା ଓ ଗଣିତ ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମରେ ମୋଟ ୧୧୮ ଛାତ୍ରୀଛାତ୍ର ସାମିଲ ହୋଇଥବା ବେଳେ ୨୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଜିଲା ପରିଷଦ ସଭ୍ୟା ଝୁଲିମା ଦଳବେହେରା, ବିଦ୍ୟାଳୟ ସଭାପତି ରାମକୃଷ୍ଣ ବେହେରା, କୋଷାଧକ୍ଷ ସନ୍ଦୀପ ସାବତ, ଉପଦେଷ୍ଟା ଦେବକୃଷ୍ଣ ପାଢ଼ୀ ଅତିଥି ଭାବେ ଯୋଗ ଦେଇଥିଲେ। ଯୁଗ୍ମ ସମ୍ପାଦକ ତ୍ରିଲୋଚନ ପଣ୍ଡା, ରବୀନ କୁମାର ମିଶ୍ର, ଲଳିତ କୁମାର ପ୍ରଧାନ, ରଞ୍ଜନ ସାହୁ, କମଳିନୀ ପାଢ଼ୀ, ଅର୍ଜୁନ କୁମାର ବାଞ୍ଛା ବିଚାରକ ଭାବେ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ହରିହର ସାହୁଙ୍କ ସମେତ ସମସ୍ତ ଗୁରୁମା, ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ■ ନିମ୍ନ ମାଧମିକ ଶିକ୍ଷକ ସଂଘ ଜିଲା ବୈଠକ

# ଶିକ୍ଷକଙ୍କୁ ସ୍ୱାଧୀନତା ମିଳିଲେ ଗୁଣାତ୍ମକ ଶିକ୍ଷାର ବିକାଶ ସମ୍ଭବ

ଭଞ୍ଜନଗର,୨୫।୮(ଡି.ଏନ.ଏ)

ନିଖିଳ ଉତ୍କଳ ନିମ୍ନ ମାଧମିକ ଶିକ୍ଷକ ସଂଘ ଗଞ୍ଜାମ ଜିଲା ଶାଖାର ଏକ ବୈଠକ ରବିବାର ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘର ସାଙ୍ଗଠନିକ ସଭା, ସମ୍ବର୍ଦ୍ଧନା, ଜିଲା ଓ ବ୍ଲକର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଆୟୋଜିତ ସଭାରେ ଯୋଗଦେଇ ବକ୍ତାମାନେ କହିଥିଲେ ଯେ, ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଅନେକ ଯୋଜନା କରୁଛନ୍ତି। କିନ୍ତୁ ତଳସ୍ତରରେ ପ୍ରକୃତ ସ୍ଥିତି ଅନୁଧ୍ୟାନ କରି ଯୋଜନା କରାଯାଉନାହିଁ। ଜଣେ ଶିକ୍ଷକ ପ୍ରଶାସନିକ ଅଧିକାରୀ ହୋଇଯିବା ପରେ ଆଦେଶ ଦେବାରେ ବ୍ୟସ୍ତ ରହୁଛନ୍ତି। ଶିକ୍ଷକଙ୍କ ବାସ୍ତବ ସମସ୍ୟା ନବୁଝି କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। ବିଦ୍ୟାଳୟ ଶୌଚାଳୟ ତାଲା ନଖୋଲିଲେ ଶିକ୍ଷକଙ୍କୁ ଦାୟୀ କରି କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ ପଦକ୍ଷେପ ନୁହେଁ। ଦିନକୁ ଦିନ ଶିକ୍ଷକମାନଙ୍କ ଉପରେ କାର୍ଯ୍ୟଭାର ବଢୁଛି। ସେମାନଙ୍କ ଠାରୁ ସ୍ୱାଧୀନତା କାଢି ନିଆଯାଇଛି। ଯେଉଁଥିପାଇଁ ସେମାନେ ହତୋତ୍ସାହିତ ହୋଇପଡୁଛନ୍ତି।



ମଞ୍ଚାସୀନ ଅତିଥି।

ଶିକ୍ଷକମାନଙ୍କୁ ସ୍ୱାଧୀନତା ଦେବାର ଆବଶ୍ୟକତା ରହିଛି। ସ୍ୱାଧୀନତା ମିଳିଲେ ହିଁ ଗୁଣାତ୍ମକ ଶିକ୍ଷାର ବିକାଶ ହୋଇପାରିବ। ସରକାରୀ ଶିକ୍ଷାନୁଷ୍ଠାନରେ ପାଠ ପଢୁଥିବା ଅଧିକାଂଶ ଛାତ୍ରୀଛାତ୍ରଙ୍କ ଅଭିଭାବକ ବିଦ୍ୟାଳୟକୁ କେବେ ଆସନ୍ତି ନାହିଁ। ଅର୍ଥ ଅଭାବରୁ କେତେଜଣ ପାଠ ମଧ ପଢାଇପାରୁନାହାନ୍ତି। ଅଭିଭାବକମାନଙ୍କ ସାମାଜିକ ପରିବର୍ତ୍ତନ ସହ ଆର୍ଥିକ ସ୍ଥିତିରେ ଉନ୍ନତି ହେଲେ ସେମାନଙ୍କ ଶିଶୁର ମଧ୍ୟ ଭବିଷ୍ୟତ ଓ ଶିକ୍ଷାରେ ଉନ୍ନତି ହୋଇପାରିବ। ଏଥିପ୍ରତି ସମସ୍ତେ ଦୃଷ୍ଟି ଦେବା ଆବଶ୍ୟକ। ଆୟୋଜିତ ଉତ୍ସବରେ ଯୋଗଦେଇ ବକ୍ତାମାନେ ତାହା ମତବକ୍ତ କରିଥିଲେ। ରାଜ୍ୟ ନିମ୍ନ ମାଧମିକ ଅବସରପ୍ରାପ୍ତ ଶିକ୍ଷକ ସଂଘ ଉପ ସଭାପତି ଅମର ବିଳାସ ବେହେରା ଉତ୍ସବରେ ଅଧକ୍ଷତା କରିଥିଲେ। ଭଞ୍ଜନଗର ବିଇଓ ଏସ୍. ଧନଞ୍ଜୟ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ନିମ୍ନମାଧମିକ ଶିକ୍ଷକ ସଂଘ ସଭାପତି ଜଗବନ୍ଧୁ ଜେନା, ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ଜେନା, ନିମ୍ନ ମାଧମିକ ଅବସରପ୍ରାପ୍ତ ଶିକ୍ଷକ ମଞ୍ଚ ରାଜ୍ୟ ସଭାପତି ମାଧବ ବିଶ୍ୱାଳ, ସହ ସମ୍ପାଦକ ତ୍ରିଲୋଚନ ତ୍ରିପାଠୀ, ଜିଲା କାର୍ଯ୍ୟକାରୀ ସଭାପତି ସନ୍ତୋଷ ଜେନା, ଅନ୍ତର୍ଯ୍ୟାମି ସାମଲ, ଜୟପ୍ରକାଶ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସଚ୍ଚିଦାନନ୍ଦ ପରିଡ଼ା, ରାଜ କୁମାର ସାହୁ, ସୀମାଞ୍ଚଳ ପାତ୍ର, ସଞ୍ଜୟ ପ୍ରଧାନ, ସୋମନାଥ ସାହୁ, ନିଗମାନନ୍ଦ ପଣ୍ଡା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

## ସଂକ୍ଷେପରେ

### କୂଅରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଛତ୍ରପୁର,୨୫।୮(ଡି.ଏନ.ଏ.):** ଚମାଖଣ୍ଡି ଥାନା ଅଧିନ ଜଗନ୍ନାଥପୁର ବଡଦାଣ୍ଡ ସାହିରେ ଥିବା ଏକ ପରିତ୍ୟକ୍ତ କୂଅରୁ ରବିବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ସେହେଲେ ଜଗନ୍ନାଥପୁର ଗାଁର ଆର୍. ଲକ୍ଷ୍ମୀ ନାରାୟଣ ରେଡ୍ଡୀ। ୩ଦିନ ହେଲା ସେ ନିଖୋଜ ଥିଲେ। ରବିବାର କୂଅ ମଧ୍ୟରୁ ଦୁର୍ଗନ୍ଧ ବାହାରୁଥିବାରୁ ଗ୍ରାମବାସୀ ଥାନାକୁ ଜଣାଇଥିଲେ। ଚମାଖଣ୍ଡି ପୋଲିସ ପହଞ୍ଚି କୂଅରୁ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଥିଲା। ଏନେଇ ଚମାଖଣ୍ଡି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ-୪/୧୯ ) ରୁଜୁ କରି ତଦନ୍ତ ଚାଲିଛି।

### ମହିଳାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ, ସ୍ୱାମୀ ଅଟକ

**ବୁଗୁଡ଼ା,୨୫।୮(ଡି.ଏନ.ଏ.):** ବୁଗୁଡ଼ା ଥାନା ବେତାରସିଙ୍ଗି ଗ୍ରାମରେ ଜଣେ ମହିଳାଙ୍କୁ ଯୌତୁକ ନିର୍ଯାତନା ଦିଆଯାଇଥିବା ଶନିବାର ରାତିରେ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପ୍ରକାରେ ବୁଗୁଡ଼ା ପୋଲିସ ନଂ. ୧୬୯/୧୯ରେ ଏକ ମାମଲା ରୁଜୁ କରି ରବିବାର ମହିଳାଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖିଛି। ପ୍ରକାଶ ଯେ, ୨ ବର୍ଷ ପୂର୍ବେ ଗାଙ୍ଗପୁର ଥାନା କଳାସୂତା ଗ୍ରାମର ନମିତା ଜେନାଙ୍କ ଉକ୍ତ ଗ୍ରାମରେ ବିବାହ ହୋଇଥିଲା। ବିବାହର ବର୍ଷେ ପରେ ଶାଶୁଘର ପକ୍ଷରୁ ନମିତାଙ୍କୁ ଅଧିକ ଯୌତୁକ ଆଣିବାକୁ ଦାବି କରି ଶାରୀରିକ ନିର୍ଯାତନା ଦିଆଯାଉଥିଲା। ତେଣୁ ନମିତା ସେତେବେଳେ ଶ୍ୱଶୁର ଘର ଛାଡ଼ି ବାପଘରକୁ ଚାଲିଯାଇଥିଲେ। ବର୍ତ୍ତମାନ ପ୍ରାୟ ଏକ ବର୍ଷ ହେଲା ସେ ବାପ ଘରେ ରହୁଛନ୍ତି। କିନ୍ତୁ କୌଣସି ପ୍ରକାର ସମାଧାନ ହୋଇପାରି ନ ଥିବାରୁ ନମିତା ଥାନାରେ ଅଭିଯୋଗ କରିଥିଲେ।

### ଗଣେଶ ପୂଜା ମହୋତ୍ସବ ପ୍ରସ୍ତୁତି

**ଦିଗପହଣ୍ଡି,୨୫।୮(ଡି.ଏନ.ଏ.):** ଦିଗପହଣ୍ଡି ବଜାର ଗାନ୍ଧୀଛକ ଗଣେଶ ପୂଜା କମିଟି ପକ୍ଷରୁ ଚଳିତ ବର୍ଷ ଗଣେଶ ପୂଜା ଧୁମଧାମରେ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ରବିବାର ଗୁପ୍ତେଶ୍ୱର ଶୈବ ପୀଠ ପରିସରରେ ପୂଜା କମିଟି ସଭାପତି ବିଚିତ୍ର ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ଆଲୋଚନା ସଭାରେ ଏ ନେଇ ନିଷ୍ପତ୍ତି ଗୃହୀତ ହୋଇଛି। ସେପ୍ଟେମ୍ବର ୨ ତାରିଖ ଭାଦ୍ରବ ଶୁକ୍ଳଚତୁର୍ଥୀ ତିଥିରେ ବିଲବରଣ ଗଙ୍ଗା ଆବାହନ ଅଧିବାସ ପରେ ପ୍ରଚଳିତ ନୀତି କାନ୍ତି ଅନୁଯାୟୀ ଗଜାନନଙ୍କ ମୃଣ୍ମୟ ମୂର୍ତ୍ତିର ନେତ୍ରୋତ୍ସବ ଓ ଜୀବନ୍ୟାସ ପୂଜା ବିଧି କରାଯିବ। ସପ୍ତାହ ବ୍ୟାପୀ ଅନୁଷ୍ଠିତ ପୂଜା ମହୋତ୍ସବ ୯ ତାରିଖରେ ଉଦ୍‌ଯାପିତ ହେବ। ଉଦ୍‌ଯାପନୀ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଏବଂ ସାଥୀ ମେଲୋଡି ପରିବେଷଣ କରିବେ। ପୂଜା କମିଟି କାର୍ଯ୍ୟକର୍ତ୍ତା ଲଲାଟେନ୍ଦୁ ପ୍ରଧାନ, କେ.କୁନା, ଅର୍ଦ୍ଦୁ.ଗୋବିନ୍ଦ, ଦୀପକ ମିଶ୍ର, ସୁଧାଂଶୁ ପାଣିଗ୍ରାହୀ, ଭି.ଅରବିନ୍ଦ ରାଜୁ, ପ୍ରଦୀପ କୁମାର ପଣ୍ଡା, ଗୋପାଳ ମେକାପ, ବିକାଶ ପଶୁପାଳକ, କୁନା ପାତ୍ର, ଶଙ୍କର୍ଷଣ ମହାନ୍ତି, ଜଗୁ ବେହେରା ପ୍ରମୁଖ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

■ ରାଜ୍ୟ ମୁଖ୍ୟ ସୂଚନା କମିଶନରଙ୍କ ଗଞ୍ଜାମ ଗସ୍ତ

# ଜନ ସୂଚନା ଅଧିକାରୀଙ୍କୁ ଅଧିକ ତାଲିମ ପାଇଁ ପରାମର୍ଶ

**ଛତ୍ରପୁର,୨୫।୮(ଡି.ଏନ.ଏ.)**


ବୈଠକରେ ଉପସ୍ଥିତ କମିଶନର ଓ ଅନ୍ୟମାନେ ।

ରାଜ୍ୟ ମୁଖ୍ୟ ସୂଚନା କମିଶନର ସୁନୀଲ କୁମାର ମିଶ୍ର ଶନିବାର ଗଞ୍ଜାମ ଜିଲା ଛତ୍ରପୁରକୁ ଆସି ସ୍ଥାନୀୟ ସର୍କିଟ ହାଉସ୍ ଠାରେ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସୂଚନା ଅଧିକାର ନିୟମ ମୁତାବକ ବିଭିନ୍ନ ଧାରା ଉପଧାରା ଉପରେ ବିଶଦ୍ ଭାବେ ସେ ତର୍ଜମା କରିଥିଲେ। ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟର ଅଧିକାରୀମାନେ ସ୍ୱତଃ କାର୍ଯ୍ୟାଳୟ ସମ୍ବନ୍ଧୀୟ ତଥ୍ୟ ଧାରା ୪(ଖ) ମୁତାବକ ପରିପ୍ରକାଶ ପାଇଁ ସେ କହିଥିଲେ। ଜନସୂଚନା ଅଧିକାରୀମାନଙ୍କୁ ସମୟାନ୍ତରେ ତାଲିମ ପ୍ରଦାନ ସହ ଉଚ୍ଚ ନ୍ୟାୟାଳୟ ଏବଂ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ସୂଚନା ଅଧିକାର ବାବଦରେ ବିଭିନ୍ନ ସମୟରେ ହେଉଥିବା ଅଦାଲତ ରାୟ ସମ୍ପର୍କରେ ସଚେତନ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ଓଡିଶା ରାଜ୍ୟ ସୂଚନା କମିଶନରଙ୍କ ପାଖରେ ପ୍ରାୟ ୧୩ ହଜାର ଅପିଲ ମୋକଦ୍ଦମା ବିଚାରାଧୀନ ଅଛି। ଜନସୂଚନା ଅଧିକାରୀମାନଙ୍କ ସ୍ତରରେ ଦରଖାସ୍ତକୁ ସଠିକ୍ ତର୍ଜମା କରି ସୂଚନା ପ୍ରଦାନ କଲେ କମିଶନଙ୍କ ପାଖରେ ଅପିଲ୍ ହ୍ରାସ ପାଇବ ବୋଲି ସେ କହିଛନ୍ତି। ସୂଚନା ଅଧିକାର ଉପରେ ଜିଲାସ୍ତରୀୟ ତାଲିମ ଓ ରାଜସ୍ୱ ବିଭାଜନ ସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପରାମର୍ଶ ଦିଆଯାଇଛି। ଦରଖାସ୍ତକାରୀଙ୍କୁ ଅସହଯୋଗ କିମ୍ବା ହତାଶ କଲେ କମିଶନ ଏହାକୁ ଅତ୍ୟନ୍ତ ଗୁରୁତ୍ୱର ସହ ବିଚାର କରି ଦଣ୍ଡବିଧାନ କରିବାକୁ ବାଧ ହେବେ। ଏପରି ମନୋବୃତ୍ତି ଜନସୂଚନା ଅଧିକାରୀମାନେ ତ୍ୟାଗ କରିବାକୁ କମିଶନର କହିଥିଲେ। ଆସନ୍ତା ଦିନରେ ମୁଖ୍ୟ ସୂଚନା କମିଶନର ଗଞ୍ଜାମରେ ଏକ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମରେ ଯୋଗଦାନ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଟି ଆଓ, ଗଞ୍ଜାମ ଏସପି ବ୍ରିଜେଶ କୁମାର ରଏ, ବ୍ରହ୍ମପୁର ଏସପି ପିନାକ ମିଶ୍ର, ଗଞ୍ଜାମ ଅତିରିକ୍ତ ଜିଲାପାଳ କବିନ୍ଦ୍ର କୁମାର ସାହୁ ଓ ଲକ୍ଷ୍ମୀକାନ୍ତ ସେଠୀ, ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ କୁଳପତି ଡ. ଅମରେନ୍ଦ୍ର ନାରାୟଣ ମିଶ୍ର, ରେଜିଷ୍ଟ୍ରାର କିଶୋର ଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ନଦୀରେ ଭାସିଯାଇ ଯୁବକ ମୃତ, ରାସ୍ତାରୋକୋ

■ ଅସ୍ଥାୟୀ ରାସ୍ତା ନିର୍ମାଣ ହୋଇ ନ ଥିବାରୁ ଉତ୍ତେଜନା


ଟାୟାର ଜାଳି ରାସ୍ତାରୋକୋ କରାଯାଇଛି।

**ଭଞ୍ଜନଗର,୨୫।୮(ଡି.ଏନ.ଏ)**

ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ ଚଢ଼େୟାପଲ୍ଲୀଠାରେ ରବିବାର ସକାଳ ପ୍ରାୟ ୧୦ଟାରେ ବୋଡ଼ାନଦୀରେ ଶ୍ରମିକ ରାଜ କୁମାର ଲେଙ୍କା ଭାସି ଯାଇଥିଲେ। ବେଲଗୁଣ୍ଠା ଦମକଳ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଭଞ୍ଜନଗର ମେଡ଼ିକାଲକୁ ନେଇଥିଲେ। ସେଠାରେ ରାଜକୁମାରଙ୍କୁ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଅସ୍ଥାୟୀ ରାସ୍ତା ନିର୍ମାଣ କରିବାରେ ପୂର୍ତ୍ତ ବିଭାଗ ଅବହେଳା କରିବାରୁ ଏତେବଡ଼ ଦୁର୍ଘଟଣା ଘଟିଲା ବୋଲି ଲୋକେ ଅଭିଯୋଗ କରି ବେଲଗୁଣ୍ଠା ଛକଠାରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଫଳରେ ଅପରାହ୍ନ ପ୍ରାୟ ୪ଟାରୁ ୫ଟା ପର୍ଯ୍ୟନ୍ତ ଭଞ୍ଜନଗରରୁ ଭୁବନେଶ୍ୱର ଗାଡି ଚଳାଚଳ ବନ୍ଦ ରହିଥିଲା। ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ପ୍ରକାଶ ଯେ, ରାଜକୁମାର ବିଦ୍ୟୁତ୍ ମରାମତି କାମ କରନ୍ତି। ରବିବାର ସକାଳେ ନିଜ ଗ୍ରାମ ଚଢ଼େୟାପଲ୍ଲୀରୁ ନଦୀ ପାରହୋଇ ଚାଲିଚାଲି ଆମ୍ବପୁଆ ଯାଉଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟାରେ ରାଜ କୁମାର ନଦୀ ପାର ହେଉଥିଲେ। ନଦୀ ଦେଇ ଯାଇଥିବା ପାଣି ପାଇପ୍‌କୁ ଧରି ସେ ନଦୀରେ ପାର ହେଉଥିଲେ। ମଝିରେ ପାଣିର ସ୍ରୋତ କ୍ଷିପ୍ର ଥିବାରୁ ସେ ଭାସିଯାଇଥିଲେ। ସେଠାରେ ଥିବା ଗ୍ରାମବାସୀ ରାଜକୁମାରଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ ସଫଳ ହୋଇ ନ ଥିଲେ। ଦମକଳ ବାହିନୀ ପହଞ୍ଚି ନିକଟସ୍ଥ ଗଣ୍ଡରୁ ଉଦ୍ଧାର କରି ଭଞ୍ଜନଗର ମେଡ଼ିକାଲକୁ ନେଇଥିଲେ।

ସୂଚନାଯୋଗ୍ୟ ଯେ, ଚଢ଼େୟାପଲ୍ଲୀରେ ବୋଡ଼ାନଦୀ ଉପରେ ବହୁବର୍ଷ ପୂର୍ବେ ଲୁହା ସେତୁ ନିର୍ମାଣ ହୋଇଥିଲା। ଗତବର୍ଷ ସେତୁଟି କ୍ଷତିଗ୍ରସ୍ତ ହେବାରୁ ତାକୁ ଭାଙ୍ଗି କିଛିମାସ ହେବ ନୂତନ ସେତୁ ନିର୍ମାଣ ଆରମ୍ଭ ହୋଇଛି। ତେଣୁ ସେଠାରେ ଏକ ଅସ୍ଥାୟୀ ରାସ୍ତା (ଡ଼ାଇଭର୍ସନ) ନିର୍ମାଣ କରାଯାଇଥିଲା। କିଛିଦିନ ପୂର୍ବେ ବର୍ଷାପାଣିରେ ଅସ୍ଥାୟୀ ରାସ୍ତାଟି ଧୋଇଯାଇଥିଲା। ସମ୍ପୃକ୍ତ ରାସ୍ତା ଦେଇ ବୁଗୁଡ଼ା, ବାଲିପଦର, ଆସିକା ଯାଉଥିବା ଲୋକେ ହଇରାଣ ହେଉଥିଲେ। ପୂର୍ତ୍ତବିଭାଗ'ପକ୍ଷରୁ ଆଉ ଅସ୍ଥାୟୀ ରାସ୍ତା ମରାମତି କରାଗଲା ନାହିଁ। ବର୍ଷା ପାଣିରେ ପୁଣି ଭାସିଯିବା ଆଶଙ୍କାରେ ବିଭାଗ ରାସ୍ତା ନିର୍ମାଣ କରି ନ ଥିଲା। ତେଣୁ ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ଅଛି। କିନ୍ତୁ ଲୋକେ ଚାଲିଚାଲି ବିପଦସଙ୍କୁଳ ଅବସ୍ଥାରେ ନଦୀରେ ଯାତାୟାତ କରୁଥିଲେ।

### ତହସିଲଦାରଙ୍କ ଛତୁଆ ପ୍ରସ୍ତୁତି ସ୍ଥଳ ପରିଦର୍ଶନ

**ହାତୀଓଟ,୨୫।୮**

ପୋଲସରା ବ୍ଲକରେ ୨୬ ପଞ୍ଚାୟତରୁ ମୋଟ ୨୧୪ ଅଙ୍ଗନୱାଡି ସେଣ୍ଟରକୁ ଡିମ୍ବିରିଆ ଗ୍ରାମର ଶିବାନୀ ସ୍ୱୟଂ ସହାୟିକା ଦଳ ଛତୁଆ ପ୍ରସ୍ତୁତ କରି ପ୍ରଦାନ କରୁଛି। ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ଚିଠି ନଂ. ୧୦୬୮୭ ପ୍ରକାରେ ଗତ ଶୁକ୍ରବାର ଏହି ଛତୁଆ ନିର୍ମାଣ ସ୍ଥଳରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପୋଲସରାର ସିଡିପିଓ କୁନ୍ତଳା କୁମାରୀ ନାଇକଙ୍କ ସହ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ଅଞ୍ଚଳ ପରିଦର୍ଶିକା ଭାବେ ଜାନକୀ ଦେବୀ, ବିଜୟଲକ୍ଷ୍ମୀ ଗୌଡ଼, ସଚଳା ପଣ୍ଡା, ମିନତି ଜେନାଙ୍କ ସହ ବ୍ଲକ ମିଶନ ଶକ୍ତି କୋର୍ଡିନେଟର କିରଣ ସାହୁ ଛତୁଆ କେନ୍ଦ୍ରରେ ରହି ସ୍ୱୟଂ ସହାୟିକା ଦଳର ସଭାପତି କସ୍ତୁରୀ ସାହୁ, ଓ ସମ୍ପାଦକ ମଞ୍ଜୁଳା ପ୍ରଧାନଙ୍କ ସହ ଆଲୋଚନା କରିଥିଲେ। ପୋଲସରା ତହସିଲଦାର ଅଶୋକ କୁମାର ପ୍ରଧାନ ଛତୁଆ ନିର୍ମାଣ ସ୍ଥଳକୁ ପହଞ୍ଚି ଶିବାନୀ ସ୍ୱୟଂ ସହାୟିକା ଦଳର ସଭାପତି ଓ ସମ୍ପାଦକଙ୍କୁ ଛତୁଆର ମାନ ଓ ପରିମାଣ ବିଷୟରେ ପଚାରି ବୁଝିଥିଲେ। ଏଥିସହ ପୋଲସରା ଶିଶୁ ବିକାଶ ପ୍ରକଳ୍ପର ଅଧିକାରିଣୀଙ୍କ ସହ ଏହି ବିଷୟରେ ବିଚାର ବିମର୍ଶ କରି ସେଠାରୁ ଅଫିସ ଅଭିମୁଖେ ଫେରି ଯାଇଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : bmpselfie@gmail.com


ସନ୍ତୋଷି


କ୍ରିଷ୍ଣା


ସାଗର

# ଦାଦୀ ପ୍ରକାଶ ମଣିଙ୍କ ସ୍ମୃତିଚାରଣ

**ଛତ୍ରପୁର,୨୫।୮(ଡି.ଏନ.ଏ.)**

ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଛତ୍ରପୁର ଶାଖା ଶାନ୍ତି ଅନୁଭୂତି ଭବନ ପରିସରରେ ଦାଦୀ ପ୍ରକାଶ ମଣିଙ୍କ ଦ୍ୱାଦଶତମ ଶ୍ରାଦ୍ଧବାର୍ଷିକୀ ରବିବାର ପାଳିତ ହୋଇଯାଇଛି। ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ବିଶ୍ୱ ସଂଗଠନ ମାଉଣ୍ଟଆବୁଠାରେ ପ୍ରତିଷ୍ଠାତା ଦାଦା ଅଲେଖ ରାଜଙ୍କ ପରେ ଦ୍ୱିତୀୟତଃ ୧୯୬୯ ରୁ ୨୦୦୭ ପର୍ଯ୍ୟନ୍ତ ଦାଦୀ ମୁଖ୍ୟ ପ୍ରଶାସିକା ଭାବେ ଦାୟିତ୍ୱ ତୁଲାଇଥିଲେ। ବିଶ୍ୱ ଶାନ୍ତି ପ୍ରତିଷ୍ଠା ପାଇଁ ସେ ଅହରହ ଉଦ୍ୟମ ଜାରି ରଖିବା ସହ ଜୀବନର ଶେଷ ପର୍ଯ୍ୟନ୍ତ ଧର୍ମ ପ୍ରଚାରରେ ବ୍ରତୀ ଥିଲେ ବୋଲି କୁହାଯାଇଥିଲା। ଏନେଇ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥିବ ଭାବେ ଓରମାସ ଜିଲା ପ୍ରକଳ୍ପ ଅଧିକାରୀ ସୁନୀଲ ନାୟକ, ଛତ୍ରପୁର ଉପକାରାଗାର ସହକାରୀ ଅଧିକାରୀ ପ୍ରଫୁଲ୍ଲ କୁମାର କବି ଯୋଗ ଦେଇଥିଲେ। ଶାଖା ସଞ୍ଚାଳିକା ବ୍ରହ୍ମାକୁମାରୀ ବିଜୟଲକ୍ଷ୍ମୀ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।


ଅତିଥିମାନେ ଯୋଗ ଦେଇଛନ୍ତି।

■ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବଙ୍କ ହିଞ୍ଜିଳି, ଶେରଗଡ଼ ଗସ୍ତ

# ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ, ଅଭିଯୋଗ ଶୁଣିଲେ

**ହିଞ୍ଜିଳିକାଟୁ/ଶେରଗଡ, ୨୫।୮(ଡି.ଏନ.ଏ.)–**


ବୈଠକରେ ଉପସ୍ଥିତ ନେତା ଓ କର୍ମଚାରୀ।

ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଦିଲୀପ କୁମାର ମହାନ୍ତି ରବିବାର ହିଞ୍ଜିଳି ଓ ଶେରଗଡ ଗସ୍ତରେ ଆସି ବିଭିନ୍ନ ବିଭାଗୀୟ ଅଧିକାରୀ, ବିଜେଡ଼ି ନେତା ଓ ଜନ ପ୍ରତିନିଧୀଙ୍କ ସହ ଉନ୍ନୟନ କାର୍ଯ୍ୟ ନେଇ ଆଲୋଚନା କରିଛନ୍ତି। ଏଥିସହ ଲୋକଙ୍କ ଅଭିଯୋଗ ମଧ୍ୟ ଶୁଣିଥିଲେ। ସଚିବ ମହାନ୍ତି ରବିବାର ପୂର୍ବାହ୍ନରେ ସଚିବ ମହାନ୍ତି ହିଞ୍ଜିଳିକାଟୁ ପୂର୍ତ୍ତ ବିଭାଗ ଡ଼ାକ ବଙ୍ଗଳାଠାରେ ବିଭିନ୍ନ ବ୍ୟକ୍ତିଙ୍କୁ ଭେଟି ଅଞ୍ଚଳର ସମସ୍ୟା ଓ ତାହାର ସମାଧାନ ନେଇ ଆଲୋଚନା କରିଥିଲେ। ହିଞ୍ଜିଳିକାଟୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ବୃନ୍ଦାବନ ବିଦ୍ୟାପୀଠ ମିଶ୍ରଣକୁ ନେଇ ବହୁ ବ୍ୟକ୍ତି ଆପତ୍ତି ଉଠାଇବା ସହ ପୂର୍ବପରି ୨ଟି ସ୍କୁଲ କରି ପରିଚାଳନା କରିବାକୁ ପ୍ରସ୍ତାବ ଦେଇଥିଲେ। ସରକାରଙ୍କ ସ୍କୁଲ ମିଶ୍ରଣ ଶିକ୍ଷା ନୀତି ଅନୁଯାୟୀ ଜୁନ ୨୮ରେ ହିଞ୍ଜିଳିକାଟୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ବୃନ୍ଦାବନ ବିଦ୍ୟାପୀଠର ମିଶ୍ରଣ ହୋଇଥିଲା। ତେବେ ଏଠାରେ ୨ସ୍କୁଲ ମଧ୍ୟରେ କେନ୍ଦ୍ରୀୟ ବିଦ୍ୟାଳୟ କାର୍ଯ୍ୟ କରୁଥିବା ହେତୁ ବିଭିନ୍ନ ସମସ୍ୟା ହେଉଛି। ଅନ୍ୟ ପକ୍ଷରେ ହିଞ୍ଜିଳିକାଟୁ ମେଡିକାଲରେ ଭେଷଜ ବିଭାଗ ଡାକ୍ତର ନିଯୁକ୍ତି, ସହରର ବିଭିନ୍ନ ଅଞ୍ଚଳକୁ ଗୋଳିଆ ପାଣି ଯୋଗାଣ ହେଉଥିବା ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଆଲୋଚନାବେଳେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧୀ ଶରତ ଚନ୍ଦ୍ର ମହାପାତ୍ର, ବିଜେଡ଼ି ସଭାପତି ଭୀମସେନ ବେହେରା, ସୁରେନ୍ଦ୍ର ପ୍ରଧାନ, ସୁବାସ ପଲେଇ, ପୂର୍ବତନ ବିଧାୟକ ହରିହର ସାହୁ , ସଞ୍ଜୟ ପଣ୍ଡା ଆସିକା ଏମ୍‌ପିଙ୍କ ପ୍ରତିନିଧି ନୀଳମଣି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପରେ ସଚିବ ମହାନ୍ତି ଶେରଗଡ଼ ଗସ୍ତରେ ଯାଇ ଅପରାହ୍ନରେ ବିଡିଓ ସୁରଞ୍ଜନ କୁମାର ସାହୁଙ୍କ ସଂଯୋଜନାରେ ବ୍ଲକରେ ଅନୁଷ୍ଠିତ ବୈଠକରେ ଯୋଗ ଦେଇଥିଲେ। ଉପସ୍ଥିତ ଜନପ୍ରତିନିଧିଙ୍କୁ ସମସ୍ୟା ସମ୍ପର୍କରେ ପଚାରିଥିଲେ। ଶେରଗଡ ନୂତନ କଳିଙ୍ଗ ବୈଶ୍ୟ ଭବନ ଠାରୁ ବାରସିଙ୍ଗି ପୋଲ ପର୍ଯ୍ୟନ୍ତ ଏକ ବାଇପାସ ରାସ୍ତା ନିର୍ମାଣ ନିମନ୍ତେ ବଳରାମ ରାଉତ ଓ ଶେରଗଡର ନାଳରେ ଜଳ ନିଷ୍କାସନ ହୋଇ ନ ପାରି ଜମିର ଧାନ ନଷ୍ଟ ହେଉଛି, ତେଣୁ ଏକ ନାଳ ନିର୍ମାଣ ନିମନ୍ତେ ହୃଷିକେଶ ପାଢୀ ଅଭିଯୋଗ କରିଥିଲେ। ଅଲାରିଗଡ ଗ୍ରାମରେ ବ୍ୟାଙ୍କ ପ୍ରତିଷ୍ଠା, ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି, ବ୍ରହ୍ମପୁରକୁ ବସ ସେବା ପାଇଁ ଅଲାରିଗଡ ସରପଞ୍ଚ ଅଶୋକ କୁମାର ସ୍ୱାଇଁ ଦାବି କରିଥିଲେ। ବ୍ରହ୍ମପୁର ରକ୍ତଭଣ୍ଡାର କର୍ମଚାରୀଙ୍କୁ ନିୟମିତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ରକ୍ତଦାନରେ ନିୟୋଜିତ କର୍ମଚାରୀ ପ୍ରଦାନ କରିଥିଲେ। ପରେ ସଚିବ ମହାନ୍ତି ଶେରଗଡ ପଞ୍ଚାୟତକୁ ଯାଇ କୋଠା ବୁଲି ଦେଖିଥିଲେ। ଶେରଗଡ ଡାକ୍ତରଖାନା ପରିଦର୍ଶନରେ ଯାଇ ବିଭିନ୍ନ ବିଭାଗ ବୁଲି ଦେଖିଥିଲେ। ଏହାପରେ ସଚିବ ଖିରିଡା, ବନ୍ଧାଗୁଡା ପଞ୍ଚାୟତକୁ ଯାଇ ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ। ବ୍ଲକ ଅଧକ୍ଷା ସାରସ ସ୍ୱାଇଁ, ଉପାଧକ୍ଷ ବିଶ୍ୱନାଥ ସ୍ୱାଇଁ, ଜିଲା ପରିଷଦସଭ୍ୟ ପ୍ରମୋଦ କୁମାର ପାତ୍ର, ପ୍ରମୋଦ କୁମାର ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ବାବୁଲା କୁମାର ଚୌଧୁରୀ, ବ୍ଲକ ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ସମୀର ପ୍ରଧାନ, ଶେରଗଡ ସରପଞ୍ଚ ଯାଜ୍ଞସେନୀ ପ୍ରଧାନ, ସମିତିସଭ୍ୟ ସାଗରିକା ପ୍ରଧାନ, ଖିରିଡା ସରପଞ୍ଚ ଅଜିତ କୁମାର ଜେନା, ବନ୍ଧାଗୁଡାର ଚିତରଞ୍ଜନ ପାଣିଗ୍ରାହୀ, କୃଷ୍ଣଛାଇ ସମିତିସଭ୍ୟ ହରି ବେହେରା, ଚିନିଶିଳ୍ପ ପରିଚାଳନା ନିର୍ଦ୍ଦେଶକବିପିନ ବିହାରୀ ପାତ୍ର, ଦୁର୍ଗାମାଧବ ବିଷୋୟୀଙ୍କ ସମେତ ବହୁ ନେତା ଓ କର୍ମ ଯୋଗ ଦେଇଥିଲେ। ସେହିପରି ଶେରଗଡ ଡାକ୍ତରଖାନାରେ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ. ଶାନ୍ତ୍ୱ ଦେବୀଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଖଜୁରିପଡ଼ା ବିଡିଓଙ୍କ ବିଭିନ୍ନ ପଞ୍ଚାୟତ ଗସ୍ତ

**ଖଜୁରିପଡ଼ା,୨୫।୮(ଡି.ଏନ.ଏ.):** ଖଜୁରିପଡ଼ା ବ୍ଲକ ୧୪ ପଞ୍ଚାୟତକୁ ନେଇ ଗଠିତ। ଏଥିରୁ ୨/୩ ପଞ୍ଚାୟତକୁ ବାଦ୍ ଦେଲେ ଅନ୍ୟସବୁ ପଞ୍ଚାୟତର ଅଧିକାଂଶ ଗାଁ ଗୁଡ଼ିକ ବଣ ପାହାଡ଼ ଘେରା ଦୁର୍ଗମ ଇଲାକାରେ ଅବସ୍ଥିତ। ଏହିସବୁ ଗାଁ ଗୁଡ଼ିକରେ ସରକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚିଛି କି ନାହିଁ, ଯୋଜନା ଗୁଡ଼ିକର ଠିକ୍ ଭାବେ କାର୍ଯ୍ୟ ହୋଇଛି କି ନାହିଁ, ଜନସାଧାରଣଙ୍କ କ'ଣ ସମସ୍ୟା ରହିଛି ଏ ସମ୍ପର୍କରେ ତଦାରଖ କରିବା ପାଇଁ ବିଡିଓ ମନୋଜ କୁମାର ପାଢ଼ୀ ପ୍ରତ୍ୟେକ ପଞ୍ଚାୟତକୁ ଗସ୍ତ କରିଛନ୍ତି। ଏ ନେଇ କର୍ମଚାରୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିବା ସହ ମନ ଭିତରେ ଛନକା ପଶିଛି। ବିଡିଓ ପାଢ଼ୀ ବ୍ଲକର ତହସିଲଦାର ଅଟନ୍ତି। ପୂର୍ବରୁ ଜଗଦିଶ ଷଡ଼ଙ୍ଗୀ ବିଡିଓ ଥିଲେ। ତାଙ୍କ ପରେ କନ୍ଧମାଳ ଜିଲାପାଳ ଡି. ବୃନ୍ଦାଡ଼ିଙ୍କ ନିର୍ଦ୍ଦେଶକ୍ରମେ ବ୍ଲକର ବିଡିଓ ଭାବେ ଦାୟିତ୍ୱ ତୁଲାଉଛନ୍ତି । ଲୋକମାନେ ଯେଉଁ ଅଭିଯୋଗ କରିବାକୁ ଆସୁଛନ୍ତି ଯଥାଶୀଘ୍ର ବିଚାର କରୁଛନ୍ତି। ଫଳରେ ସମସ୍ତେ ଖୁସି ମନେ କରୁଛନ୍ତି। ଏ ବାବଦରେ ବିଡିଓ କହିଛନ୍ତି ନିଜର ଦାୟିତ୍ୱ ତୁଲାଇବା ଆମର କର୍ତ୍ତବ୍ୟ ।

### ସଂକୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା

**ବୁଗୁଡ଼ା,୨୫।୮(ଡି.ଏନ.ଏ.):** ବୁଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶନିବାର ଭଞ୍ଜନଗର ସଂକୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭଞ୍ଜନଗର ସଂକୁଳ ୧୧ ଶିଶୁ ମନ୍ଦିରର ଶିଶୁବର୍ଗ, ବାଲ ବର୍ଗ ଓ କିଶୋର ବର୍ଗ ତରଫରୁ ମୋଟ ୧୧୮ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ଅଧାପକ ଡ. ଜୟରାମ ବିଷୋୟୀ, ମନୋଜ କୁମାର ଦାସଙ୍କ ସମେତ ଶଙ୍କର ନାୟକ, ମନୋଜ କୁମାର ଶତପଥୀ, ମୃତ୍ୟୁଞ୍ଜୟ ହୋତା, କାଳୀ ଚରଣ ଆଚାର୍ଯ୍ୟ ପ୍ରମୁଖ ବିଜ୍ଞାନ ଶିକ୍ଷୟତ୍ରୀ ଶିକ୍ଷକମାନେ ଦାୟିତ୍ୱ ନିର୍ବାହ କରିଥିଲେ। ଉପେନ୍ଦ୍ର ପଟ୍ଟନାୟକଙ୍କ ଅଧକ୍ଷତାରେ ଉଦଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ଶକୁନ୍ତଳା ବିଦ୍ୟାପୀଠର ଗୋପାଳ ଚନ୍ଦ୍ର ନାୟକଙ୍କ ସମେତ ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି, ଫୁଲବାଣୀ ବିଭାଗର ପ୍ରମୁଖ ତ୍ରିନାଥ ଗୌଡ଼ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନାଚାର୍ଯ୍ୟ ମାଧବ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁମତି ମିଶ୍ର ସଂଯୋଜନା କରିଥିଲେ।

### ସାନଖେମୁଣ୍ଡି ସାହିତ୍ୟ ସଂସଦ ପକ୍ଷରୁ ଆଲୋଚନା ସଭା

**ଦିଗପହଣ୍ଡି/ପାଟପୁର,୨୫।୮(ଡି.ଏନ.ଏ.):** ପାଟପୁର ମହାଲକ୍ଷ୍ମୀ ମନ୍ଦିର କଲ୍ୟାଣ ମଣ୍ଡପ ପରିସରରେ ରବିବାର ସାନଖେମୁଣ୍ଡି ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟ ସଭା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିତ୍ୟିକ ରାମଚନ୍ଦ୍ର ସାହୁଙ୍କ ଅଧକ୍ଷତା କରିଥିଲେ। ବିଶିଷ୍ଟ ଲେଖକ ଡା.ଚନ୍ଦ୍ରମଣି ସ୍ୱାଇଁ, ଗବେଷକ ଡ.ଅନନ୍ତରାମ କର, ଡ.ପ୍ରଦୀପ୍ତ ଚନ୍ଦ୍ର ସିଂହ, କବି କୁରେସୁ ପଣ୍ଡା, ବୃନ୍ଦାବନ ବାଡ଼ତ୍ୟା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସାନଖେମୁଣ୍ଡି ମାଟି ଏକ ସାରସ୍ୱତ ମାଟି । ବୀର ପ୍ରସବିନୀ ସାନଖେମୁଣ୍ଡିରେ କବି ନରସିଂହ ମାଠଙ୍କ ଭଳି ଅନେକ ପ୍ରତିଭା ସମ୍ପନ୍ନ ଯୋଗଜନ୍ମା ଜନ୍ମଗ୍ରହଣ କରି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଥିଲେ। ଏହି ଅଞ୍ଚଳର ନବାଗତ ଲେଖକମାନେ ସେମାନଙ୍କ କଲମ ମୁନରେ କାଳଜୟୀ କାବ୍ୟ କବିତା ଗଳ୍ପ ପ୍ରବନ୍ଧ ରଚନା ଦିଗରେ ମନୋନିବେଶ କରିବାକୁ ସଭାରେ ମତ ପ୍ରକାଶ ପାଇଥିଲା। ପୀତବାସ ତ୍ରିପାଠୀ, ସିଦ୍ଧାର୍ଥ କୁମାର ଦୋରା, ସୁରଭି ରାଣୀ ନାୟକ, ସୁରେଶ କୁମାର ନାୟକଙ୍କ ସମେତ ବହୁ କବୟିତ୍ରୀ କବି ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ।

### ଗାଡ଼ି ଧକ୍କାରେ ଗାଈ ମୃତ

**ହିଞ୍ଜିଳିକାଟୁ,୨୫।୮(ଡ଼ି.ଏନ୍.ଏ) :** ହିଞ୍ଜିଳିକାଟୁ ପରିବା ବଜାର ନିକଟରେ ଶନିବାର ରାତିରେ ଗାଡ଼ି ଧକ୍କାରେ ଗୋଟିଏ ଗାଈର ମୃତ୍ୟୁ ଘଟିଛି। ଜାତୀୟ ରାଜପଥ ଉପରେ ଗୋରୁ ପଲ ଶୋଇଥିବାବେଳେ ଗାଡ଼ିଟି ଗୋଟିଏ ଗୋରୁ ଉପରେ ମାଡ଼ି ଯାଇଥିଲା। ପ୍ରକାଶ ଥାଉ କି, କିଛି ଦିନ ତଳେ ଗୋଟିଏ ସିମେଣ୍ଟ ବୋଝାଇ ଟ୍ରକ ଧକ୍କାରେ ୪ ଗୋରୁଙ୍କ ମୃତ୍ୟୁ ହୋଇଥିଲା। ସେତେବେଳେ ରାସ୍ତା ଉପରକୁ ଗୋରୁ ଛାଡୁଥିବା ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ମହଲରୁ ଦାବି ହୋଇଥିଲା। ଏହା ପରେ ପୌର କର୍ତ୍ତୃପକ୍ଷ ରାସ୍ତାରେ ବୁଲୁଥିବା ଗୋରୁଙ୍କୁ ଉଠାଇ ମାଲିକଙ୍କ ଠାରୁ ଜରିମାନା ଆଦାୟ କରିଥିଲେ। ପୁଣି ଏଭଳି ଘଟଣା ଘଟିଥିବାରୁ ନିୟମିତ ଚଢ଼ାଉ କରି ଗୋରୁ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି।

# ମୃତକଙ୍କ ନାମରେ ଭତ୍ତା ଟଙ୍କା ହଡ଼ପ

**ଦାରିଙ୍ଗବାଡ଼ି, ୨୫।୮(ଡି.ଏନ.ଏ)**



ଶ୍ରୀନିକେତା ପଞ୍ଚାୟତ କାର୍ଯ୍ୟାଳୟ।

**ଶ୍ରୀନିକେତା ପଞ୍ଚାୟତ**

■ **ଦୁର୍ନୀତି ନିବାରଣ ବିଭାଗ ତଦନ୍ତ ଦାବି**

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ଦିନକୁ ଦିନ ଦୁର୍ନୀତି ବୃଦ୍ଧି ପାଉଥିବାବେଳେ ମୃତ ଲୋକଙ୍କ ନାମରେ ହଜାର ହଜାର ଟଙ୍କା ଚଲୁ କରାଯାଇଥିବା ଘଟଣା ପଦାକୁ ଆସିଛି। ଉକ୍ତ ବ୍ଲକ ଶ୍ରୀନିକେତା ପଞ୍ଚାୟତ ଅଞ୍ଚଳରେ ଦୀର୍ଘଦିନ ଧରି ମୃତ ଲୋକଙ୍କ ନାମରେ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଭତ୍ତା ଟଙ୍କା ହଡ଼ପ କରୁଥିବା ଜଣାପଡିଛି। ଏନେଇ ଅଞ୍ଚଳବାସୀ ପଞ୍ଚାୟତ କାର୍ଯ୍ୟାଳୟକୁ ଅଭିଯୋଗ କରିବା ପାଇଁ ବାରମ୍ବାର ଯାଉଥିଲେ ସୁଦ୍ଧା କାର୍ଯ୍ୟାଳୟ ବନ୍ଦ ଯୋଗୁ ଫେରି ଆସୁଛନ୍ତି। ସ୍ୱାଧୀନତା ଦିବସ ଦିନ ସ୍ୱତନ୍ତ୍ର ଗ୍ରାମସଭାରେ ଏସମ୍ପର୍କରେ ଅଭିଯୋଗ ହେବା ସହ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ଲେଖାଏ ଅର୍ଥ ଦିଆଯିବା ବଦଳରେ ୧ହଜାର ଟଙ୍କା ଦିଆଯାଉଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ମଧ୍ୟ ଆଜିସୁଦ୍ଧା ବଳକା ଅର୍ଥ ମୃତକଙ୍କ ପରିବାରକୁ ପ୍ରଦାନ କରାଯାଇନାହିଁ। ସେହିପରି ପ୍ରାୟ ୧୫ଜଣ ମୃତକଙ୍କ ନାମରେ ହଜାର ହଜାର ଟଙ୍କା ହଡ଼ପ ହୋଇଥିବା ଅଭିଯୋଗ ହୋଇଛି। ସେମାନଙ୍କ ମଧ୍ୟରେ ଉକ୍ତ ପଞ୍ଚାୟତ ତେରାବାଡ଼ି ଗ୍ରାମର ଗୋପୀନାଥ ନାୟକଙ୍କର ଗତ ଡିସେମ୍ବର ୨୦୧୮ରେ ମୃତ୍ୟୁ ହୋଇଥିବାବେଳେ ତାଙ୍କ ନାମରେ ଆଜି ପର୍ଯ୍ୟନ୍ତ ୨୧ଶହ ଟଙ୍କା ଉଠାଯାଇଛି। ସେହିପରି ସେହି ଗ୍ରାମର ଆକାଶ ପ୍ରଧାନ ଚଳିତ ଜୁଲାଇ ୯ରୁ ମୃତ୍ୟୁବରଣ କରିଥିବାବେଳେ ତାଙ୍କ ନାମରେ ୫ଶହ, ସୁଲୁମାହା ଗ୍ରାମର ଡ୍ରୁଏଲ ପ୍ରଧାନ ୨୦୧୮ ମେ'ରେ ମୃତ୍ୟୁବରଣ କରିଥିବାବେଳେ ତାଙ୍କ ନାମରେ ଆଜି ସୁଦ୍ଧା ୨୬ ଶହ ଟଙ୍କା ଉଠାଯାଇଛି। ଦଣ୍ଡିମାର ରୋହିଣି ସାହୁଙ୍କର ଚଳିତ ଫେବୃୟାରୀରେ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ନାମରେ ୧୫ ଶହ ଓ ସୁଧୀର ବଳିଆରସିଂଙ୍କ ମଧ୍ୟ ଫେବୃୟାରୀରେ ମୃତ୍ୟୁ ହୋଇସାରିଥିଲେ ମଧ୍ୟ ତାଙ୍କ ନାମରେ ୧୫ଶହ ଟଙ୍କା ଉଠାଯାଇଛି ।

ସେହିପରି ଡିପୁମାହା ଗ୍ରାମର ଦୁବନ୍ତି ପ୍ରଧାନ, ଟକରମାଲା ଗ୍ରାମର ପସୁଙ୍ଗା ପ୍ରଧାନ, କସିରା ପ୍ରଧାନଙ୍କ, ପୁଜୁରା ପ୍ରଧାନଙ୍କ ମୃତ୍ୟୁ ପରେ ତାଙ୍କ ନାମରେ ଭତ୍ତା ଟଙ୍କା ଉଠାଯାଇଛି। ପାଙ୍ଗେରାହା ଗ୍ରାମର ଲାସିରା ପ୍ରଧାନ, ରୁବେନ ପ୍ରଧାନ, ଶ୍ରୀନିକେତା ଗ୍ରାମର ରାଣିବତୀ ପ୍ରଧାନ, ମଗ୍ଗୁଲୁ ନାୟକଙ୍କ ମୃତ୍ୟୁ ପରେ ତାଙ୍କ ନାମରେ ଭତ୍ତା ଟଙ୍କା ଉଡାଇ ହଡପ କରାଯାଇଛି। ସୁଶିଳା ସାହୁଙ୍କ ନାମରେ ଦୁଇଟି ଭତ୍ତା କାର୍ଡ଼ କରାଯାଇ ତାଙ୍କୁ ଗୋଟିଏ କାର୍ଡ଼ରୁ ଭତ୍ତା ପ୍ରଦାନ କରାଯାଉଥିବା ବେଳେ ଅନ୍ୟ ନକଲି କାର୍ଡ଼ର ଅର୍ଥ ହଡ଼ପ କରାଯାଉଥିବା ସାମାଜିକ ସମୀକ୍ଷା ବେଳେ ଧରାପଡ଼ିଛି । ଏହି ତଥ୍ୟ ଗ୍ରାମ୍ୟ ରିସୋର୍ସ ପର୍ସନମାନେ ପ୍ରଶାସନକୁ ଦେଇଥିବା ଜଣାପଡ଼ିଛି ।

ଏନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଶନ୍ନ କହଁରଙ୍କ ସହ ଯୋଗାଯୋଗ କରିବାରୁ ସେ ଏହାକୁ ସ୍ୱୀକାର କରିବାସହ କେତେଜଣ ଲୋକଙ୍କ ମୃତ୍ୟୁ ହୋଇଥିବା ସେ ଜାଣି ନ ଥିବାବେଳେ ତାଙ୍କ ଭତ୍ତା ଟଙ୍କା ଖର୍ଚ୍ଚ କରିଦେଇଛନ୍ତି। ଶୀଘ୍ର ଉକ୍ତ ଟଙ୍କା ସେ ପଞ୍ଚାୟତ ଖାତାରେ ଜମା କରିବେ ବୋଲି କହିଛନ୍ତି। ସୁଶିଳା ସାହୁଙ୍କ ନାମରେ ୨ଟି କାଡ ନେଇ ପଚାରିବାରୁ ସେ ଏହାକୁ ମଧ୍ୟ ସ୍ୱୀକାର କରିଥିଲେ ଓ ଭୁଲ୍‌ରେ ଦୁଇଟି କାର୍ଡ଼ ହୋଇଥିବା ସେ କହିଛନ୍ତି । ସୂଚନାଯୋଗ୍ୟ ଯେ, ଦାରିଙ୍ଗବାଡି ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବହୁ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ମିଳୁ ନ ଥିବାବେଳେ ମୃତକଙ୍କ ନାଁରେ ଭତ୍ତା ଟଙ୍କା ହଡପ କରାଯାଉଛି। ଜିଲା ଦୁର୍ନୀତି ନିବାରଣ ବିଭାଗ ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

### ବଡ଼ଭାଇଙ୍କୁ ଛୁରି ଭୁସି ହତ୍ୟା ଉଦ୍ୟମ ମାମଲା: ସାନ ଭାଇ ଗିରଫ

**ଦିଗପହଣ୍ଡି,୨୫।୮(ଡି.ଏନ.ଏ.)**

ବଡ଼ଭାଇଙ୍କୁ ହତ୍ୟା ଉଦ୍ୟମ ମାମଲାରେ ସାନଖେମୁଣ୍ଡି ବ୍ଲକ କଂସାମାରି ଗ୍ରାମର ଗଣେଶ ବେହେରାଙ୍କୁ ପାଟପୁର ପୋଲିସ ରବିବାର ସନ୍ଧ୍ୟାରେ କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଯାଇଛି। ଗତ ମାସ ୨୫ ତାରିଖ ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ପାରିବାରିକ ଶତ୍ରୁତାରୁ ଜାଗିଲି ବେହେରାଙ୍କୁ ତାଙ୍କ ସାନ ଭାଇ ଗଣେଶ ଛୁରିରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଜାଗିଲୀ ଘର ପିଣ୍ଡାରେ ଠିଆ ହୋଇଥିବା ବେଳେ ଗଣେଶ ସେଠାରେ ପହଞ୍ଚି ତାଙ୍କୁ ଗାଳି ଗୁଲଜ କରିଥିଲେ। ଜାଗିଲୀ ପ୍ରତିବାଦ କରିବାରୁ ସେ ତାଙ୍କ ବେକକୁ ଛୁରୀରେ ଆକ୍ରମଣ କରିଥିଲେ। କିନ୍ତୁ ଜାଗିଲି ଛୁରୀଟିକୁ ଧରିଦେବାରୁ ତାଙ୍କ ବାମ ହାତରେ ଗଭୀର ଆଘାତ ଲାଗିଥିଲା। ଏ ନେଇ ଜାଗିଲୀ ପାଟପୁର ଥାନାରେ ଏତଲା ଦେଇଥିଲେ। ଆଇଆଇସି ରମେଶ କୁମାର ପ୍ରଧାନ ନଂ. ୧୪୫/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲେ। ଘଟଣା ଦିନରୁ ଅଭିଯୁକ୍ତ ଫେରାର ଥିଲେ। ରବିବାର ଗ୍ରାମରୁ ପୋଲିସ ତାଙ୍କୁ ଗିରଫ କରିଥିଲା।

# ପଞ୍ଚାୟତସ୍ତରୀୟ ମୋ ନିବେଦନ ଜନଶୁଣାଣି କାର୍ଯ୍ୟକ୍ରମ

**ଦିଗପହଣ୍ଡି,୨୫।୮(ଡି.ଏନ.ଏ.)**


ପଦ୍ମନାଭପୁର ପଞ୍ଚାୟତ ଜନଶୁଣାଣିରେ ଉପସ୍ଥିତ ଅଧିକାରୀବୃନ୍ଦ।

ଦିଗପହଣ୍ଡି ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ଶନିବାର ପଦ୍ମନାଭପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ସ୍ତରୀୟ ମୋ ନିବେଦନ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରାଙ୍ଗ ଲେଙ୍କାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ବି. କ୍ରିଷ୍ଣା ରାଓ ସୁବୁଦ୍ଧି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ପ୍ରାଣୀ ଚିକିତ୍ସକ ଡା. ଅନୀତା ଦୋରା, ରାଜସ୍ୱ ନିରୀକ୍ଷକ ଫକୀର ଚରଣ ରାଉତ, ଗ୍ରାମ୍ୟ କୃଷି କର୍ମଚାରୀ ଦୀପ୍ତିରେଖା ବେହେରା, ଗ୍ରାମ ରୋଜଗାର ସେବକ ବି. ଦୁର୍ଯ୍ୟୋଧନ ରେଡ୍ଡୀ ପ୍ରମୁଖ ମଞ୍ଚାସୀନ ଥିଲେ । ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରୁ ଆସିଥିବା ୧୪୭ ଜଣ ଆବାସ ଯୋଜନା ପାଇଁ ଦରଖାସ୍ତ କରିଥିଲେ। ବିଭିନ୍ନ ଭତ୍ତା ପାଇଁ ୧୩୮, ଶୌଚାଳୟ ଲାଗି ୬୧, ରାଶନକାର୍ଡ଼ ନିମନ୍ତେ ୪୬, କାଳିଆ ଯୋଜନା ପାଇଁ ୩୦, ଆଦର୍ଶ ଗୁହାଳ ଘର ନିର୍ମାଣ ନିମନ୍ତେ ୧୮, ୯ ଜଣ ଭୂମିହୀନ ଚାଷଜମି ପଟ୍ଟା ଆଦି ପାଇଁ ଦରଖାସ୍ତ ପ୍ରଦାନ କରିଥିବା ଗ୍ରାମପଞ୍ଚାୟତ ଅଧିକାରୀ ରମାକାନ୍ତ ଚୌଧୁରୀ କହିଛନ୍ତି । ସେହିପରି କଇଠଡ଼ା, ବାସୁଦେବପୁର ଓ ଆଙ୍କୋରଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ଶନିବାର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଜନଶୁଣାଣି ମୋ ନିବେଦନ କାର୍ଯ୍ୟକ୍ରମ ହୋଇଯାଇଛି।

### ଶିକ୍ଷକ ସଂଘର ପରିବର୍ଦ୍ଧିତ ଆଲୋଚନା ସଭା

**ଦିଗପହଣ୍ଡି,୨୫।୮(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ପରିବର୍ଦ୍ଧିତ ଆଲୋଚନା ସଭା ଶନିବାର ସ୍ଥାନୀୟ ଅଞ୍ଚଳେଶ୍ୱରୀ ଠାକୁରାଣୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲା ସଭାପତି ଶଶାଙ୍କ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ସଂଘର ପ୍ରାକ୍ତନ ସଭାପତି ଦାମୋଦର ପାଢ଼ୀଙ୍କ ସଂଯୋଜନାରେ ଆୟୋଜିତ ସଭାରେ ସଂଘକୁ ଅଧିକ କ୍ରିୟାଶୀଳ କରିବା ପାଇଁ ବିଧିବଦ୍ଧ ନିଷ୍ପତ୍ତି ଗୃହୀତ କରାଯାଇଥିଲା। ବ୍ଲକ ଶିକ୍ଷକ ସଂଘର ସଭାପତି ବାୟା ଗୌଡ଼ଙ୍କୁ ମୁଖ୍ୟଅତିଥି ଶପଥ ପାଠ କରାଇଥିଲେ। ବ୍ଲକ ଗଣ ଶିକ୍ଷକ ଏକ୍ସ-କ୍ୟାଡର ସଂଘକୁ ପ୍ରାଥମିକ ସଂଘ ସହ ମିଶ୍ରଣ କରାଯାଇଥିବା ସଭାରେ ଘୋଷଣା କରାଯାଇଥିଲା। ଜିଲା କାର୍ଯ୍ୟକାରୀ କମିଟି ସଦସ୍ୟ ସନାତନ ପଟ୍ଟନାୟକ, ବସନ୍ତ କୁମାର ପାଣିଙ୍କ ସମେତ ସଂଘର ବ୍ଲକ କାର୍ଯ୍ୟକର୍ତ୍ତା ଦୁଷ୍ମନ୍ତ ପାତ୍ର ପ୍ରମୁଖ ୧୩୦ରୁ ଉର୍ଦ୍ଧ୍ୱ ସଂଘର ସଭ୍ୟାସଭ୍ୟ ସଭାରେ ଉପସ୍ଥିତ ଥିଲେ।


ସଭାରେ ସଂଘର କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧନା।

# ଧରାକୋଟରେ ଦୁଇ ବିଦ୍ୟାଳୟର ମିଶ୍ରଣ ପର୍ବ

**ଧରାକୋଟ,୨୫।୮(ଡି.ଏନ.ଏ.)**


ବୈଠକରେ ଉପସ୍ଥିତ ଶିକ୍ଷକବୃନ୍ଦ।

ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ସରକାର ବିଭିନ୍ନ ଗଠନମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି । ୧୦ରୁ କମ ପିଲା ଥିବା ବିଦ୍ୟାଳୟ ବନ୍ଦ କରାଯାଇଥିବା ବେଳେ ୫ ଶହ ମିଟରରୁ କମ ଦୂରତାରେ ଥିବା ବିଦ୍ୟାଳୟ ଗୁଡ଼ିକ ମଧ୍ୟରେ ମିଶ୍ରଣ ପର୍ବ ଆରମ୍ଭ ହୋଇଛି । ଧରାକୋଟର ୭୪ ବର୍ଷ ପୂର୍ବେ ସ୍ଥାପିତ ହୋଇଥିବା ଶ୍ରୀରାଜ ଉଚ୍ଚ ବିଦ୍ୟାଳୟ ଓ ୫୬ ବର୍ଷ ପୂର୍ବେ ପ୍ରତିଷ୍ଠା ହୋଇଥିବା କୃଷ୍ଣସିଂହ ବାଳିକା ଉଚ୍ଚ ବିଦ୍ୟାଳୟ ମଧ୍ୟରେ ମିଶ୍ରଣ ପର୍ବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାଜ ବିଦ୍ୟାଳୟ ପରିଚାଳନା କମିଟି ବାପିନି କୁମାର ସ୍ୱାଇଁ ଏଥିରେ ଅଧକ୍ଷତା କରିଥିଲେ। ପ୍ରଧାନ ଶିକ୍ଷକ ଗୀତାଞ୍ଜଳି ସାହୁ, ସିଆରସିସି ଭାସ୍କର ବାଡ଼ତ୍ୟା, ଶିକ୍ଷକ ବିଧୁଭୂଷଣ ରାଉତ, ସଭ୍ୟ ରାଜେନ୍ଦ୍ର ବେହେରା ସମେତ ଶତାଧିକ ଅଭିଭାବକ ଉପସ୍ଥିତ ଥିଲେ। ଗତ ମାସରେ ଜିଲା ଶିକ୍ଷାଧିକାରୀ ଉଭୟ ବିଦ୍ୟାଳୟ ପରିଦର୍ଶନ କରି ଶୀଘ୍ର ମିଶ୍ରଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଏହି ନିର୍ଦ୍ଦେଶକୁ ସମ୍ମାନ ଜଣାଇ ୬ଷ୍ଠ, ୭ମ ଓ ୮ମ ଶ୍ରେଣୀର ଛାତ୍ରୀଛାତ୍ରମାନେ କୃଷ୍ଣସିଂହ ବାଳିକା ବିଦ୍ୟାଳୟରେ ମିଳିତ ଭାବେ ପାଠ ପଢ଼ିବେ। ପରେ ୯ମ, ୧୦ମ ଶ୍ରେଣୀ ପିଲା ମଧ୍ୟ ଗୋଟିଏ ଛାତ ତଳେ ପଢ଼ିବେ। ଏ ନେଇ ଅଭିଭାବକ ମହଲରେ ଖୁସି ଦେଖାଦେଇଛି । ତେବେ ବିଦ୍ୟାଳୟର ହିନ୍ଦୀ, କଳା ଶିକ୍ଷକ ଓ ପ୍ରଧାନ ଶିକ୍ଷକ ପଦବୀ ଖାଲି ଥିବାରୁ ଶୀଘ୍ର ଏହି ପଦବୀ ପୂରଣ ପାଇଁ ଦାବି ହୋଇଛି।

### ଗୋପୀନାଥ ସ୍ୱାମୀ ବିଦ୍ୟାପୀଠରେ ସମ୍ବର୍ଦ୍ଧନା ଉତ୍ସବ

**ଜଗନ୍ନାଥପ୍ରସାଦ,୨୫।୮(ଡି.ଏନ.ଏ.)**

ଜଗନ୍ନାଥପ୍ରସାଦ ବ୍ଲକ କାଦୁଆ ସ୍ଥିତ ଗୋପୀନାଥ ସ୍ୱାମୀ ନୋଡାଲ ବିଦ୍ୟାପୀଠରେ ପୂର୍ବତନ ସିଆର୍‌ସିସି ରାମନାଥ ଶିଖରଙ୍କୁ ବିଦାୟ ଓ ନୂତନ ସିଆରସିସି ନିରଞ୍ଜନ ପ୍ରଧାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷକ କୈବଲ୍ୟ ସ୍ୱାଇଁଙ୍କ ସଭାପତିତ୍ୱରେ ହୋଇଥିବା ଉକ୍ତ ସଭାରେ ମୁଖ୍ୟବକ୍ତା ଭାବେ ଶିକ୍ଷକ ହରମୋହନ ତ୍ରିପାଠୀ, ଶିକ୍ଷକ ଦିବାକର ଷଡଙ୍ଗୀ ମଞ୍ଚାସୀନ ଥିଲେ। ଯୋଡ଼ାବନ୍ଧ, କାଦୁଆ, ନରେନ୍ଦ୍ରପୁର, ଗୁଣ୍ଡୁରି ସାହି, ସିଙ୍ଗିପୁର,ବନ୍ତା ଆଦି ୧୪ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ରାମନାଥଙ୍କୁ ତାଙ୍କ କାର୍ଯ୍ୟଶୈଳୀ ପାଇଁ ପ୍ରଶଂସା କରିଥିଲେ।

### ମା' ସିଂହାସନୀ ଉନ୍ନୟନ କମିଟିର ସମୀକ୍ଷା ବୈଠକ

**ପୋଲସରା,୨୫।୮(ଡି.ଏନ.ଏ.)**

ପୋଲସରା ବ୍ଲକ ପାଣ୍ଡିରିପଡ଼ା ପଞ୍ଚାୟତ କଷିପଡ଼ାସ୍ଥିତ ମା' ସିଂହାସନୀ କଲ୍ୟାଣ ମଣ୍ଡପ ପରିସରରେ ମା' ସିଂହାସନୀ ଉନ୍ନୟନ କମିଟିର ସମୀକ୍ଷା ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉନ୍ନୟନ ପରିଷଦର ଆୟବ୍ୟୟ ଅଟକଳ ସହ ଉନ୍ନୟନ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀକାନ୍ତଙ୍କୁ ଗଞ୍ଜାମ ଜିଲା ଯୋଜନା ବୋର୍ଡର ଅଧକ୍ଷ ରୂପେ ମୁଖ୍ୟମନ୍ତ୍ରୀ ଚୟନ କରିଥିବାରୁ ଉନ୍ନୟନ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ଅଶୋକ ବିଶୋୟୀ, ସୂର୍ଯ୍ୟ ନାରାୟଣ ପାଢ଼ୀ, ପ୍ରଶାନ୍ତ ନାୟକ, ଲମ୍ବୋଦର ଦାସ, ସୁଜିତ ବିଶୋୟୀ, ସ୍ଥାନୀୟ ସରପଞ୍ଚ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

### ନନ୍ଦ ଉତ୍ସବ କାର୍ଯ୍ୟକ୍ରମରେ ବିଧାୟକ

**ଗଞ୍ଜାମ,୨୫।୮(ଡି.ଏନ.ଏ.)**

ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତର ଲକ୍ଷ୍ମୀପୁର ଗ୍ରାମରେ ଜନ୍ମାଷ୍ଟମୀ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏଥିଲାଗି ଶନିବାର ନନ୍ଦ ଉତ୍ସବ ପାଳନ କରାଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଗ୍ରାମ ଆରମ୍ଭରୁ ଶେଷ ଯାଏ ୫ ଭାରତଲିଳା ନାଟକ ପରିବେଷଣ ହୋଇଥିଲା। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଶନିବାର ଅପରାହ୍ନରେ ଉକ୍ତ ଗ୍ରାମରେ ପହଞ୍ଚି ରାଧାକୃଷ୍ଣଙ୍କ ଦର୍ଶନ କରିଥିଲେ। ଏହି ଉପଲକ୍ଷେ ଗ୍ରାମବାସୀଙ୍କ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ପୂର୍ବତନ ବ୍ଲକ ଉପାଧକ୍ଷ ଆର. ଭାଗ୍ୟ ରେଡ୍ଡୀ, ଗ୍ରାମ୍ୟ କମିଟି ସଭାପତି ଈଶ୍ୱର ରେଡ୍ଡୀ, ଶ୍ରୀନିବାସ ରେଡ୍ଡୀ, ନାଇଡୁ ଏନ. ଦେବରାଜ ରେଡ୍ଡୀ, ସଲଟ୍ ସୋସାଇଟି ସମ୍ପାଦକ ଏନ. ଦୁର୍ଯ୍ୟୋଧନ ରେଡ୍ଡୀଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।


ଗ୍ରାମ୍ୟ କମିଟି ସହ ବିଧାୟକଙ୍କ ଆଲୋଚନା।

■ କନ୍ଧମାଳ ଜିଲା ବ୍ୟବସାୟୀ ସଂଘର ବୈଠକ

# ସଂଗଠନ ମଜଭୁତ, ସମସ୍ତ ପ୍ରତିଷ୍ଠାନକୁ ସାମିଲ ପାଇଁ ପ୍ରୟାସ

**ଫୁଲବାଣୀ ଅଫିସ/ଦାରିଙ୍ଗବାଡ଼ି, ୨୫।୮(ଡି.ଏନ.ଏ.)**


କନ୍ଧମାଳ ଜିଲା ବ୍ୟବସାୟୀ ସଂଘର ସାଂଗଠନିକ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

କନ୍ଧମାଳ ଜିଲା ବ୍ୟବସାୟୀ ସଂଘର ବୈଠକ ରବିବାର ଫୁଲବାଣୀଠାରେ ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫୁଲବାଣୀ ବ୍ୟବସାୟୀ ସଂଘର ସଭାପତି ଅଶୋକ ପଟ୍ଟନାୟକଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବ୍ୟବସାୟୀ ସଂଘ ସମ୍ପାଦକ ରାମ ରଞ୍ଜନ ଶର୍ମା ଏବଂ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀଶଙ୍କର ପାତ୍ର, ଜି.ଉଦୟଗିରି ବ୍ୟବସାୟ ସଂଘ ସଭାପତି ସମୀର ପାଢ଼ୀ, ଫୁଲବାଣୀ ସଂଘର ସମ୍ପାଦକ ଦୁର୍ଗା ପ୍ରସାଦ ତ୍ରିପାଠୀ ପ୍ରମୁଖ ଯୋଗଦେଇ ବ୍ୟବସାୟ ସଂଘକୁ ଅଧିକା ମଜବୁତ କରିବା ପାଇଁ ଆଲୋଚନା କରିଥିଲେ। ଏଥିରେ ଜିଲାର ୧୨ଟି ବ୍ଲକର ଛୋଟବଡ଼ ସଂଘକୁ ସାମିଲ କରାଯିବାକୁ ଶୀଘ୍ର ପଦକ୍ଷେପ ନିଆଯିବାକୁ କୁହାଯାଇଥିଲା। ସେହିପରି ସମସ୍ତ ବ୍ୟବସାୟୀ ସଠିକ ଉପାୟରେ ବ୍ୟବସାୟ କରିବା ସହ ସରକାରଙ୍କୁ ଟ୍ୟାକ୍ସ ଦେବା ସହ ସମସ୍ତ ବ୍ୟାଙ୍କ ସମେତ ବିଭିନ୍ନ ଯୋଜନାର ଫାଇଦା ନେବାକୁ ଆଲୋଚନା ହୋଇଥିଲା। ସେହିପରି ବ୍ୟବସାୟୀଙ୍କୁ ଅନେକ ସମୟରେ ବିଭିନ୍ନ ଉପାୟରେ ହଇରାଣ କରାଯାଉଛି। ଏହାର ପ୍ରତିବାଦ କରିବା ସହ ସାମାଜିକ ସୁରକ୍ଷା ପ୍ରତି ସରକାର ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କୁହାଯାଇଥିଲା। ରାଜ୍ୟରେ ସଂଘ ମଜବୁତ କରିବା ସହ ସମସ୍ତ ଗ୍ରାମାଞ୍ଚଳର ବ୍ୟବସାୟ ସଂଘ ରାଜ୍ୟ ସଂଘରେ ସାମିଲ ହେବା ସହ ଅଖିଳ ଭାରତ ମହାସଂଘରେ ସେମାନେ ସାମିଲ ହୋଇପାରିବେ ବୋଲି ସଂଘର ବରିଷ୍ଠ କର୍ମକର୍ତ୍ତା କହିଥିଲେ। ସମସ୍ତ ସଂଘ ଜିଲା ପ୍ରଶାସନ ନିକଟରେ ପଞ୍ଜିକୃତ କରାଇନେବା ଆବଶ୍ୟକ ବୋଲି କହିଥିଲେ। ବୈଠକରେ ଦାରିଙ୍ଗବାଡ଼ି ବଣିକ ସଂଘର କର୍ମକର୍ତ୍ତା ଗୋଲକବିହାରୀ ସାହୁ, ସୁଶାନ୍ତ କୁମାର ସାହୁ, ସିମନବାଡ଼ିର ଶ୍ରୀନିବାସ ଚୌଧୁରୀ, ଏସ. ନାଗେଶ୍ୱର ସୁବୁଦ୍ଧି, ପୀତାମ୍ବର ସାହୁ, ଜିତେନ୍ଦ୍ର କୁମାର ସାହୁ, ସରୋଜ ସାହୁଙ୍କ ସମେତ ଟିକାବାଲି, ଜି.ଉଦୟଗିରି, ଫୁଲବାଣୀ ଆଦି ବ୍ଲକର କାବୁଲା ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟଯେ ଏବେ ଅସ୍ଥାୟୀ ଭାବେ ଜିଲା ବ୍ୟବସାୟୀ ସଂଘକୁ ମଜବୁତ କରିବା ପାଇଁ ଜି.ଉଦୟଗିରି ବ୍ୟବସାୟୀ ସଂଘର ସଭାପତି ସମିର ପାଢ଼ୀଙ୍କୁ ସଭାପତି ଭାବେ ଦାୟୀତ୍ୱ ପ୍ରଦାନ କରାଯାଇଛି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. | ବ୍ରହ୍ମପୁର, ସୋମବାର, ଅଗଷ୍ଟ ୨୬/୨୦୧୯ | Berhampur, Monday, August 26/2019





## ନାଳରୁ ମୃତଦେହ ଉଦ୍ଧାର

ଆସିକା,୨୫।୮(ଡି.ଏନ୍.ଏ.)- ଗାଙ୍ଗପୁର ଥାନା ବେଣାପାଟ ନିକଟ ଗୋଗେଇ ନାଳରେ ଭାସୁଥିବା ଏକ ମୃତଦେହକୁ ପୋଲିସ ଶନିବାର ଉଦ୍ଧାର କରିଥିଲା। ମୃତକ ହେଲେ କେନ୍ଦୁପଦର ପଞ୍ଚାୟତ ଚାଟୁଳା ଗ୍ରାମର କନ୍ଧ ଦୋରା। ରବିବାର ଆସିକା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। କିଭଳି କନ୍ଧଙ୍କର ମୃତ୍ୟୁ ହେଲା ତାହା ସ୍ପଷ୍ଟ ହୋଇନାହିଁ। ତେବେ ସେ ଜଣେ ମାନସିକ ବିକାରଗ୍ରସ୍ତ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ଗାଙ୍ଗପୁର ଥାନାରେ ନଂ.୧୧/୧୯ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

■ ଯୁବକଙ୍କୁ ହତ୍ୟା ଅଭିଯୋଗ

# ବଡ଼ବାପାଙ୍କ ସମେତ ୩ ଗିରଫ

ଆସିକା,୨୫।୮(ଡି.ଏନ୍.ଏ.)

ଆସିକା ଥାନା ବଜ୍ରକୋଟ ଗ୍ରାମର ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ସେ ହେଲେ ଟୁକୁନା ନାହାକ (୩୦)। ଏନେଇ ମୃତ ଟୁକୁନାଙ୍କ ବାପା ଆସିକା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ.୨୭୩/୧୯ରେ ମାମଲା ରୁଜୁକରି ଗ୍ରାମର ଅର୍ଜ୍ଜୁଲୁ ନାହାକ, ତାଙ୍କ ସ୍ତ୍ରୀ ଦଇନୀ ଓ ପୁଅ ଦୀପକଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଅର୍ଜ୍ଜୁଲୁ ମୃତ ଟୁକୁନାଙ୍କ ବଡବାପା। ହତ୍ୟାକାଣ୍ଡରେ ବ୍ୟବହୃତ ଏକ ଲୁହାରଡ୍ ପୋଲିସ ଜବତ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଅର୍ଜ୍ଜୁଲୁଙ୍କ ଏକ ସାଇକେଲ କିଛିଦିନ ତଳେ ଚୋରି ଯାଇଥିଲା। ଏନେଇ ସେ ଟୁକୁନାଙ୍କୁ ସନ୍ଦେହ କରୁଥିଲେ। ଫଳରେ ଉଭୟ ପରିବାର ମଧ୍ୟରେ ଚାପା ଉତ୍ତେଜନା ଲାଗି ରହିଥିଲା। ଗତ ଶୁକ୍ରବାର ସନ୍ଧ୍ୟାରେ ଅର୍ଜ୍ଜୁଲୁ, ଦଇନୀ ଓ ଦୀପକ ଟୁକୁନାଙ୍କୁ ମାରଧର କରିଥିଲେ। ଆକ୍ରମଣରେ ଟୁକୁନା ଆହତ ହୋଇଥିଲେ ମଧ୍ୟ ଚିକିତ୍ସା କରିନଥିଲେ। ଶନିବାର ବିଳମ୍ବିତ ରାତିରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ରବିବାର ଭୋର ପ୍ରାୟ ସାଢେ ୪ଟାରେ ଆସିକା ସରକାରୀ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ମୃତ ଦେହ ଆସିକା ମେଡିକାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ସାହୁ ସୂଚନା ଦେଇଛନ୍ତି।




## ପୋଲରେ ପିଟିହେଲା କାର

ଶଙ୍କରାଖୋଲ,୨୫।୮(ଡି.ଏନ୍.ଏ.)

ଟିକାବାଲି ଥାନା ୧୫୭ନଂ ଜାତୀୟ ରାଜପଥ ଶଙ୍କରାଖୋଲ ନିକଟସ୍ଥ ବାଲାଙ୍ଗଯୋଡି ପୋଲରେ ଶଡ଼ିବାର ରାତିରେ ଏକ କାର ପିଟି ହୋଇଛି। କାରର ସମ୍ମୁଖ ଭାଗ ଭାଙ୍ଗି ଯାଇଥିବାବେଳେ ଏଥିରେ ଥିବା ଦମ୍ପତ୍ତି ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏନେଇ ଟିକାବାଲି ଥାନାରେ ନଂ.୮୩/୧୯ରେ ମାମଲା ରୁଜୁକରି ତଦନ୍ତ ଚାଲିଥିବା ଟିକାବାଲି ଥାନା ଅଧିକାରୀ ରେବତୀ ଶବର କହିଛନ୍ତି।

ପ୍ରକାଶ ଯେ, କାର ନଂ.ଓଡି୦୨ଟି-୩୮୫୦ ବ୍ରହ୍ମପୁରରୁ ଫୁଲବାଣୀ ଯାଉଥିବାବେଳେ ବାଲଙ୍ଗଯୋଡି ପୋଲ ପୂର୍ବରୁ ବୁଲାଣିରେ ଭାରସାମ୍ୟ ହରାଇ ଲୁହା ରେଲିଂରେ ପିଟି ହୋଇଯାଇଥିଲା ପରେ ପୋଲ ଉପରେ ପୁଣି ଡାହାଣ ପଟ ଗାର୍ଡ ୱାଲରେ ପିଟି ହୋଇଥିଲା। କାରରେ ଥିବା ଫୁଲବାଣୀ ସରକାରୀ ମହାବିଦ୍ୟାଳୟର ଅଧ୍ୟାପିକା ସନ୍ଧ୍ୟାରାଣୀ ଦାସ ଓ ତାଙ୍କ ସ୍ୱାମୀ ନୀଳକଣ୍ଠ ସାମନ୍ତରାଏ ଅଳ୍ପକେ ବର୍ତ୍ତି ଯାଇଥିଲେ। ନୀଳକଣ୍ଠ କାର ଚଳାଉଥିଲେ।






## ସେଣ୍ଟ୍ରିଂ ଖସି ଭୁଶୁଡ଼ିଲା ଛାତ, ୨ ମିସ୍ତ୍ରି ଗୁରୁତର

**ହିଞ୍ଜିଳିକାଟୁ,୨୫।୮(ଡି.ଏନ୍.ଏ.):** ହିଞ୍ଜିଳି ଥାନା ସାପୁଆପଲୀରେ ରବିବାର ଜଣକ ଘର ଛାତ ଢଳେଇ ପଡୁଥିବା ତାହା ଭୁଶୁଡ଼ି ପଡ଼ିବାରୁ ୨ ମିସ୍ତ୍ରି ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ହିଞ୍ଜିଳି ଥାନା ଖଣ୍ଡରା ଗ୍ରାମର ନାର୍ସୁ ଗୌଡ଼ ଓ ନାରାୟଣ ଗୌଡ଼। ଉଭୟଙ୍କୁ ହିଞ୍ଜିଳିକାଟୁ ଡ଼ାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ପ୍ରକାଶ ଯେ, ମିସ୍ତ୍ରି ୨ ଜଣ ଢଳେଇ ପକାଉଥିବା ବେଳେ ସେଣ୍ଟ୍ରିଂର ଏକ କାଠ ବାହାରି ପଡ଼ିବାରୁ ତଳକୁ ଆସି ଅନୁଧ୍ୟାନ କରୁଥିଲେ। ଏହି ସମୟରେ ହଠାତ ସେମାନଙ୍କ ଉପରେ ଢଳେଇ ଖସିପଡ଼ିବାରୁ ସିମେଣ୍ଟ, କଂକ୍ରିଟ ଓ ଲୁହା ରଡ଼ ତଳେ ଚାପି ହୋଇଯାଇଥିଲେ। ଅନ୍ୟ ଶ୍ରମିକ ଓ ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ। ହିଞ୍ଜିଳି ପୋଲିସ ଘଟଣାର ଅନୁଧ୍ୟାନ କରୁଛି।





2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ